ସକାଳ
THE SAKALA



## ନାଲ୍‌କୋ ଠିକା ଶ୍ରମିକଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଶବ ରଖି ଆନ୍ଦୋଳନ

ନାଲକୋ ନଗର, ୩୦ ।୩(ସମିସ)




ନାଲକୋ ସ୍ମେଲ୍ଟର ପ୍ଲାଣ୍ଟର ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଥଇଥାନ ଓ କ୍ଷତିପୂରଣ ଦାବିରେ ପ୍ଲାଣ୍ଟ ଫାଟକ ସମ୍ମୁଖରେ ଶବ ରଖି ପରିବାର ଲୋକ ଓ ସାଥୀ ଠିକା ଶ୍ରମିକମାନେ ଧାରଣା ଦେଇଥିଲେ । ନାଲକୋ ପ୍ରସାଶନିକ ଅଧିକାରୀ ଘଟଣାସ୍ଥଳରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।

ସୂଚନା ମୁତାବକ ନାଲକୋ ସ୍ମେଲ୍ଟର ବେକ ଓଭେନ ପ୍ଲାଣ୍ଟରେ ଠିକା ସଂସ୍ଥା ଜରିଆରେ ନାଦିଆଁ ବେଶ୍ରା (୫୮) କାମ କରୁଥିଲେ । ଶନିବାର ବି' ସିଫ୍ଟ ଡ୍ୟୁଟିରେ ଥିବାବେଳେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଫେରିଆସିଥିଲେ । ସେ ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ରାତି ୧୦ଟାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା । ସକାଳେ ୬ଟାରେ ପରିବାର ଲୋକେ ତାଙ୍କ ମୃତଦେହକୁ ସ୍ମେଲ୍ଟର ମୁଖ୍ୟ ଫାଟକ ସମ୍ମୁଖରେ ରଖି ଧାରଣା ଦେଇଥିଲେ । ମୃତକଙ୍କ ପରିବାରରୁ ଜଣଙ୍କୁ ଠିକାସଂସ୍ଥା ମାଧ୍ୟମରେ ନିଯୁକ୍ତି, ସହାୟତା ଏବଂ କ୍ଷତିପୂରଣ ଦାବି କରିଥିଲେ ।

## ମହାବିଦ୍ୟାଳୟରେ 'ଗବେଷଣା ପଦ୍ଧତି' ଉପରେ କର୍ମଶାଳା

ଅନୁଗୋଳ, ୩୦ ।୩(ସମିସ): ଗବେଷଣା ପରିଚାଳନାର ମୌଳିକ ପଦକ୍ଷେପଗୁଡ଼ିକ, ଯେପରିକି ବିଦ୍ୟମାନ ସାହିତ୍ୟରେ ଥିବା ଫାଙ୍କକୁ ଚିହ୍ନଟ, ସ୍ପଷ୍ଟ ଉଦ୍ଦେଶ୍ୟ ପ୍ରଣୟନ ଏବଂ ଉପଯୁକ୍ତ ପଦ୍ଧତି ଚୟନ କରିବା ଉପରେ ଶନିବାର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଗବେଷଣା ପଦ୍ଧତି' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପିକେ ପ୍ରଧାନ ଏବଂ ପ୍ରଫେସର ମହେଶ୍ୱର ସାହୁ ଯୋଗଦେଇ ବିଷୟବସ୍ତୁ ଉପରେ ନିଜସ୍ୱ ଜ୍ଞାନ ଏବଂ ଅଭିଜ୍ଞତା ବାଣ୍ଟିଥିଲେ । ଏକ ଗବେଷଣା ରିପୋର୍ଟ କିମ୍ବା ନିବନ୍ଧକୁ ପ୍ରଭାବଶାଳୀ ଭାବରେ କିପରି ଲେଖାଯାଏ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଗବେଷଣା ପଦ୍ଧତିର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକୁ ଆବିଷ୍କାର କରାଯାଇଥିଲା । ଗବେଷଣା କାର୍ଯ୍ୟ ଗଠନ, ତଥ୍ୟ ବିଶ୍ଳେଷଣ ଏବଂ ନିଷ୍କର୍ଷକୁ ସୁସଙ୍ଗତ ଭାବରେ ଉପସ୍ଥାପନ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବାଣିଜ୍ୟ ବିଭାଗ ମୁଖ୍ୟ ସୁଜ୍ଞାନୀ ରଥ ସମାପନ ମନ୍ତବ୍ୟ ଉପସ୍ଥାପନ କରିଥିଲେ । ବୃତ୍ତିଗତ ଅଧ୍ୟୟନ ବିଭାଗର ମୁଖ୍ୟ ଡି. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଡ. କିଶାନ ଦିଗାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ଶେଷ ବର୍ଷର ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗର ୨୦୦ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।




## ପତ୍ନୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୩୦ ।୩(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳବାହାଲି ଗ୍ରାମର ମମତା ଜେନାଙ୍କୁ ତାଙ୍କ ସ୍ୱାମୀ ଅକ୍ଷୟ ଜେନା ମାଡ଼ ମାରିବା ସହ ନିର୍ଯ୍ୟାତନା ଦେଉଥିବା ଶନିବାର ମମତା ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏ ନେଇ ଏକ ମାମଲା ରୁଜୁ କରିଛି । ୧୦ ବର୍ଷ ପୂର୍ବେ ମମତା ଅକ୍ଷୟଙ୍କୁ ପ୍ରେମ ବିବାହ କରିଥିଲେ । ପରେ ମମତାଙ୍କ ପରିବାର ପକ୍ଷରୁ ଯୌତୁକ ବାବଦ ଅସବାବପତ୍ର ଦିଆଯାଇଥିଲା । ତାଙ୍କର ୨ ସନ୍ତାନ ଅଛନ୍ତି । ମମତା ତାଙ୍କ ଭଉଣୀ ଘରକୁ ବୁଲିବା ପାଇଁ ଯାଇଥିବା ବେଳେ ଅକ୍ଷୟ ସେଠାରେ ପହଞ୍ଚି ମାଡ଼ ମାରିଥିଲେ । ଏଥିସହ ବାପାଙ୍କ ଘରୁ ଟଙ୍କା ଧରିଲେ ଘରକୁ ଆସିବୁ ବୋଲି କହି ପୁଣି ମାଡ଼ ମାରିଥିଲେ । ପୂର୍ବରୁ ମଧ୍ୟ ଅକ୍ଷୟ ବହୁବାର ଏଭଳି ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ମମତା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ।

## ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ଦୁର୍ବୃତ୍ତଙ୍କ ଗିରଫ ଦାବି

**କିଶୋରନଗର, ୩୦ ।୩(ସମିସ):** କିଶୋରନଗର ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ଗୌରଚନ୍ଦ୍ର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ନେଇ ଜୀବନ ଜୀବିକା କୃଷିଜମି ସୁରକ୍ଷା କମିଟି ପକ୍ଷରୁ ନିନ୍ଦା କରାଯିବା ସହ ଗଭୀର ଉଦବେଗ ପ୍ରକାଶ ପାଇଛି । ପୁଲିସ ପ୍ରଶାସନର ନିଷ୍କ୍ରିୟତା ପାଇଁ କିଶୋରନଗର ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ପୁଲିସ ପ୍ରଶାସନର ନିଷ୍କ୍ରିୟତା, ଅପାରଗତା ପାଇଁ ଦୁର୍ବୃତ୍ତମାନେ ସ୍ୱଷ୍ଟ ଦିବାଲୋକରେ ମାରଣାନ୍ତକ ଆକ୍ରମଣ କରିବାକୁ ସାହାସ ପାଉଛନ୍ତି ବୋଲି କମିଟି ଅଭିଯୋଗ କରିଛି । ସାମ୍ବାଦିକ ଗୌରଚନ୍ଦ୍ର ସାହୁଙ୍କୁ ମାରଣାନ୍ତକ ଆକ୍ରମଣ କରିଥିବା ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଗୌରଚନ୍ଦ୍ରଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା, କିଶୋରନଗର ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ଜୀବନ ଜୀବିକା କୃଷିଜମି ସୁରକ୍ଷା କମିଟି ସଭାପତି ଦୀନବନ୍ଧୁ ପ୍ରଧାନ, ସାଂଗଠନିକ ସମ୍ପାଦକ ରମଣୀରଞ୍ଜନ ପ୍ରଧାନ, ପୀତାମ୍ବର ପ୍ରଧାନ ପ୍ରମୁଖ ଦୃଢ଼ ଦାବି କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ



ଅନୁଗୋଳ, ୩୦ ।୩(ସମିସ): ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ଧର ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଅତିଥି ପରିଚୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଆଲୋକ ଭୋଇ, ଆଚାର୍ଯ୍ୟ ପ୍ରତିନିଧି ଦିଲୀପ କୁମାର ବରାଳ, ପରିଚାଳନା ସମିତି ସଦସ୍ୟ ବୁଲୁ ବେହେରା, ସହସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ । ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟାୟର ଶୈକ୍ଷିକ ପ୍ରମୁଖ ଦିଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେବାଶ୍ରମରେ ଶିକ୍ଷକ-ଅଭିଭାବକ ବୈଠକ



ବଅଁରପାଳ, ୩୦ ।୩(ସମିସ): ସ୍ଥାନୀୟ ସେବାଶ୍ରମ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ପିତାମାତା ସହଭାଗିତା ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଶକୁନ୍ତଳା ପ୍ରିୟଦର୍ଶିନୀ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ପିବିକେ ହାଇସ୍କୁଲ ପ୍ରଧାନଶିକ୍ଷକ ପବିତ୍ରମୋହନ ପ୍ରଧାନ ସମ୍ମାନିତ ଅତିଥି ଭାବେ ନୂଆହତା କ୍ଲଷ୍ଟର ସିଆରସିସି ବିନୋଦ ନାଏକ, ଗଣ୍ଡିଗାଡ଼ିଆ ସ୍କୁଲ ଶିକ୍ଷୟିତ୍ରୀ ରେଣୁବାଳା ପଣ୍ଡା, ପରିଚାଳନା କମିଟି ସଭାପତି ଗୋପାଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ । ଶହେରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅତିଥିଙ୍କ ସହ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ । ଅଭିଭାବକମାନେ ଶିକ୍ଷକଙ୍କ ସହ କାନ୍ଧରେ କାନ୍ଧ ମିଳାଇ ସହଯୋଗ କଲେ ଶିକ୍ଷାର ଲକ୍ଷ୍ୟ ପୂରଣ ହେବ ବୋଲି ଅତିଥିମାନେ ମତ ଦେଇଥିଲେ । ଏହି ଅବସରରେ ଛାତଛାତ୍ରୀ ନୃତ୍ୟଗୀତ ପରିବେଷଣ କରିଥିଲେ । ଅଭିଭାବକଙ୍କ ମଧ୍ୟରେ ସୌଖିନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ବିନୋଦିନୀ ସିଂହ, ମୃଣ୍ମୟୀ ପାଳ, ହରିପ୍ରିୟା ନାୟକ ଓ ଶିକ୍ଷକ ସ୍ମିତରଞ୍ଜନ ଅମାନ୍ତ ସହଯୋଗ କରିଥିଲେ । ପ୍ରଧାନଶିକ୍ଷକ ଦିଲୀପ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ।

**କଣିହାଁ:** କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ପଳାଶବାହାଲି ଆଶ୍ରମ ବିଦ୍ୟାଳୟରେ ପିତାମାତା ଓ ଶିକ୍ଷକ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଅଜାତି ଚରଣ ଭୁତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାଲିପଶି ସିଆର୍‌ସିସି ଆଦିତ୍ୟ କୁମାର ପ୍ରଧାନ ମୁଖ୍ୟଅତିଥି, ବରିଷ୍ଠ ଶିକ୍ଷାବିତ୍ ମଦନ ମୋହନ ସାହୁ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଶିକ୍ଷକ ଦିଗମ୍ବର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷା ପରିଚାଳନା କମିଟି ସଭାପତି ତପନ କୁମାର ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲା ବେଳେ ସହକାରୀ ଶିକ୍ଷୟିତ୍ରୀ ଲୋପାମୁଦ୍ରା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




## ଉତ୍କଳ ବାଳାଶ୍ରମର ଦ୍ୱିତୀୟ ପ୍ରତିଷ୍ଠା ଦିବସ




ଅନୁଗୋଳ, ୩୦ ।୩(ସମିସ): ଅନୁଗୋଳ ଜିଲ୍ଲା ଉତ୍କଳ ବାଳାଶ୍ରମର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଉତ୍ସବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡା. ନନ୍ଦକିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଦୀପ୍ତିମୟୀ ସାହୁ, ଉତ୍କଳ ବାଳାଶ୍ରମର ପୂର୍ବତନ ସମ୍ପାଦିକା ପୌର୍ଣ୍ଣମାସୀ ରଥ ଯୋଗଦେଇଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଦସ୍ୟା ଲିପିପୁଷ୍ପ ବେହେରା, ମମତା ପ୍ରଧାନ, ଡ. ପୁଷ୍ପା ସାହୁ ଓ ସଦସ୍ୟ କଲ୍ୟାଣ କିଶୋର ମହାନ୍ତିଙ୍କ ସମେତ ଜିଲ୍ଲା ଶିଶୁସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉତ୍କଳ ବାଳାଶ୍ରମର ସମ୍ପାଦିକା ଦ୍ରୌପଦୀ ମାର୍ଣ୍ଡି ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟଅତିଥିଙ୍କ ଦ୍ୱାରା ଜିଲ୍ଲା ଶିଶୁ ସୁରକ୍ଷାଅଧିକାରୀ ଗୌରୀଶଙ୍କର ବେହେରା ଓ ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ) ଅମରେଶ ଜାଲୀଙ୍କୁ ସମାଜସେବା ପାଇଁ ସମ୍ମାନିତ କରାଯାଇଥିଲା । ବାଳାଶ୍ରମର ପରିଚାଳିକା ଲିପ୍ସା ପ୍ରିୟଦର୍ଶିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋତମରା ଗ୍ରାମରେ ହରିହାଟ ନାମଯଜ୍ଞ



ବଅଁରପାଳ, ୩୦ ।୩(ସମିସ): ବଅଁରପାଳ ବ୍ଲକ ଗୋତମରା ଉପର ସାହିରେ ହରିହାଟ ନାମଯଜ୍ଞ ଅନୁଷ୍ଠିତ ହୋଇଛି । କୌଣସି କାରଣରୁ କିଛିବର୍ଷ ହେବ ଏହି ହରିହାଟ ନାମଯଜ୍ଞ କାର୍ଯ୍ୟକ୍ରମ ବନ୍ଦ ରହିଥିଲା । ପୁନର୍ବାର ଗ୍ରାମର ଉପର ସାହି ବାସିନ୍ଦା ଏକତ୍ରିତ ହୋଇ ଚଳିତ ବର୍ଷ କାର୍ଯ୍ୟକ୍ରମକୁ ଆରମ୍ଭ କରିଛନ୍ତି । ଶନିବାର ସକାଳୁ ଗ୍ରାମର ଉପର ସାହି ବିଭିନ୍ନ ତୋରଣ ଦ୍ୱାରା ସୁସଜ୍ଜିତ ହୋଇ ଆକର୍ଷଣୀୟ କରାଯାଇଥିଲା । ଅପରାହ୍ନ ୨ଟାରେ ପ୍ରଥମେ ହରିଙ୍କ ଫଟୋଚିତ୍ରକୁ ସୁସଜ୍ଜିତ ପାଲିଙ୍କିରେ ବସାଇ ଡିଜେ, ଘଣ୍ଟ, ଢୋଲ, ଆଲାମ, ଛତି, କଂସାସୁରଙ୍କ ରାଜାବେଶ, ରାଧାକୃଷ୍ଣ ବେଶ, ବାଳଗୋପାଳ ବେଶ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସାମ୍ନାରେ ଦେବଦାସୀ ନୃତ୍ୟ, ସମ୍ବଲପୁରୀ ଢୋଲ ବାଦ୍ୟର ତାଳେ ତାଳେ ଗ୍ରାମ ପରିକ୍ରମା କରାଯାଇଥିଲା । ନର୍ତ୍ତକୀମାନଙ୍କ ନୃତ୍ୟ, ଲଉଡ଼ି ଖେଳ ସହ ରାଧାକୃଷ୍ଣଙ୍କ ପ୍ରେମଲୀଳା, ନାରଦଙ୍କ ବେଶ, ରାକ୍ଷସ, ବୁଢ଼ାବୁଢ଼ୀ ବେଶ, ହାତୀ, ଘୋଡ଼ା ନାଚ, ବାଘ ନାଚ, ଶିବ, ପାର୍ବତୀ, ମା' କାଳୀ ବେଶ, ଉଗ୍ରସେନ ବେଶ ଓ କୁନି କୁନି ପିଲାଙ୍କ ଦ୍ୱାରା ଆକର୍ଷଣୀୟ ପୌରାଣିକ ବେଶଭୂଷା ବେଶ୍ ଚିତ୍ତାକର୍ଷକ ହୋଇଥିଲା । ଗ୍ରାମ ପରିକ୍ରମା ସମୟରେ ଗ୍ରାମର ମହିଳାମାନେ ନିଜ ଘର ସାମ୍ନାରେ ପାଲିଙ୍କି ଅଟକାଇ ବନ୍ଦାପନା ଓ ପୂଜାର୍ଚ୍ଚନା କରିଥିଲେ । ହରିହାଟର ମୁଖ୍ୟ ଚୈତନ୍ୟ ମହାପ୍ରଭୁଙ୍କ ଫଟୋଚିତ୍ର ବେଶ୍ ମନଲୋଭା ହୋଇଥିଲା । ସକାଳେ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

## କଣିହାଁ ଥାନାରେ ଆମ ପୁଲିସ ସମିତି ବୈଠକ

କଣିହାଁ, ୩୦ ।୩(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ଥାନା ତରଫରୁ ପୁଲିସ ପ୍ରତୀକ୍ଷା ଗୃହରେ ରବିବାର ପୂର୍ବାହ୍ନରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି । ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଣିହାଁ ଗ୍ରାମ୍ୟ କମିଟିର ପ୍ରମୁଖ ସଦସ୍ୟମାନେ ଯୋଗଦେଇଥିଲେ । ଏହି ଅବସରରେ ସମିତିର ନିର୍ଦ୍ଦେଶାବଳି ତଥା ବ୍ରିଟିଶ ଅମଳର ପୁରୁଣା ଆଇନକୁ ରଦ୍ଦ କରି ସରକାରଙ୍କ ଦ୍ୱାରା ପ୍ରଚଳିତ ନୂତନ ଅପରାଧିକ ଆଇନ ବିଷୟରେ ଆଇଆଇସି ଦଳେଇ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କଣିହାଁ ଗ୍ରାମ ସଭାପତି କଳାକାର ସାହୁ, ସମ୍ପାଦକ ସୂର୍ଯ୍ୟକାନ୍ତ ନାଏକ, ସାମାଜିକ କର୍ମୀ ସୁଧାକର ପ୍ରଧାନ, ଆଞ୍ଚଳିକ ଟ୍ରକ ମାଲିକ ସଙ୍ଘ ସମ୍ପାଦକ ଆଲୋକ କୁମାର ସାହୁ, ସାମ୍ବାଦିକ ମହେଶ୍ୱର ନାୟକ, ଅବନୀ କୁମାର ସାହୁ, ବିଷ୍ଣୁ ସାହୁ, ହୃଦାନନ୍ଦ ସାହୁ, ଦୁଃଶାସନ ସାହୁ, ଦୋଳ ସାହୁ, ଅନିରୁଦ୍ଧ ନାଏକ, ଫକୀର ନାଏକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଥାନା ଏସଆଇ ବିଷ୍ଣୁଚରଣ ସାହୁ, ଶଶିକାନ୍ତ ତୁଙ୍ଗ, ଏଏସଆଇ ପ୍ରଶାନ୍ତ କୁମାର ପାଳଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



## ରକ୍ତଦାନ ଶିବିର; ୧୧୧ ୟୁନିଟ୍ ସଂଗ୍ରହ



କଣିହା, ୩୦ ।୩(ସମିସ): କଣିହା ବ୍ଲକସ୍ଥିତ ଏନଟିପିସି ପ୍ରକଳ୍ପର ସ୍ଥାୟୀ କଲୋନୀ ପରିସର କେନ୍ଦ୍ରୀୟ ବିଦ୍ୟାଳୟରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶ୍ରୀ ସତ୍ୟ ସାଇ ସେବା ସମିତି ତରଫରୁ ଅମୃତବିନ୍ଦୁ ରକ୍ତଦାନ ଶିବିରରେ ଅତିଥି ଭାବେ ପ୍ରକଳ୍ପର ଇଡି ଅଶୋକ କୁମାର ସେହଗଲ, ଜିଏମ୍ ସତ୍ୟରାମ କ୍ରୀଷ୍ଣ, ସିଆଇଏସଏଫ୍ ଡିସି ବ୍ରିଜ୍‌ମୋହନ ସିଂ, ମାନବ ସମ୍ବଳ ଅଧିକାରୀ ନବନୀତ କୁମାର, ବିଦ୍ୟୁତ୍ କର୍ମଚାରୀ ସଂଘ ସଭାପତି ବୀରେନ୍ଦ୍ର କୁମାର କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଶିବିରରେ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ତାଳଚେର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ମୁଖ୍ୟଅତିଥି ଇଡି ସେହଗଲ ନିଜେ ରକ୍ତଦାନ କରିବା ସହିତ ସତ୍ୟସାଇ ଅନୁଷ୍ଠାନ ପକ୍ଷରୁ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

## ବନ୍ୟଜନ୍ତୁ ଓ ପକ୍ଷୀଙ୍କ ସେବାରେ କିନ୍ନର ଚିନ୍ମୟୀ



ଅନୁଗୋଳ, ୩୦ ।୩(ସମିସ): ପ୍ରଚଣ୍ଡ ଜଳାଶୟଗୁଡ଼ିକ ଶୁଖିଲା ପଡ଼ିଥିବା ଯୋଗୁଁ ଖରାରେ ସନ୍ତୁଳି ହେଉଛି ଜନଜୀବନ । ଧୁ ଧୁ ଖରାରେ ଦିନ ୧୧ଟା ପରେ ଆଉ ଘରୁ ବାହାରି ହେଉନି । ପାଣିମୁନ୍ଦେ ପାଇଁ ଡହଳବିକଳ ହେଉଛନ୍ତି ଲୋକେ । ମଣିଷମାନେ ଯେ କୌଣସି ଉପାୟରେ ପିଇବା ପାଣି ସଂଗ୍ରହ କରିନିଅନ୍ତି । କିନ୍ତୁ ନିରୀହ ବନ୍ୟଜନ୍ତୁ ଓ ପକ୍ଷୀଙ୍କ ପାଇଁ ପରିସ୍ଥିତି ଅଧିକ ଜଟିଳ ହେଇଥାଏ । କାରଣ ଖରାଦିନେ ଅନେକ ପଶୁପକ୍ଷୀ ପିଇବା ପାଣି ନ ପାଇ ମୃତ୍ୟୁମୁଖରେ ପଡ଼ନ୍ତି । ଏହି ପରିପ୍ରେକ୍ଷୀରେ କିନ୍ନର ଚିନ୍ମୟୀ ଦାସ ଦୀର୍ଘ ୧୦ ବର୍ଷ ହେଲାଣି ବିଭିନ୍ନ ଜଙ୍ଗଲ ଓ ପାହାଡ ଚଢ଼ି ବନ୍ୟଜନ୍ତୁ ଓ ପକ୍ଷୀଙ୍କୁ ଗରା, ଠେକି, ମାଟିପାତ୍ର, କୁଡୁଆ, ସରା, ବୋତଲ, କଳସ ସାହାଯ୍ୟରେ ପିଇବା ପାଣି ଓ ଖାଦ୍ୟର ବ୍ୟବସ୍ଥା କରୁଛନ୍ତି । ଏଥିପାଇଁ ତାଙ୍କୁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନ କର୍ମଚାରୀ, ଛାତ୍ରଛାତ୍ରୀ, ସମାଜସେବୀ ଏବଂ ମାନବସେବା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ସହଯୋଗ କରୁଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ଛକରେ କୁଣ୍ଡ ରଖି ପଶୁପକ୍ଷୀମାନେ କିପରି ପିଇବା ପାଣି ପାଇବେ ସେ ବ୍ୟବସ୍ଥା ମଧ୍ୟ କରିଛନ୍ତି । ଏହି କାର୍ଯ୍ୟକୁ ବ୍ୟାପକ କରାଯିବ ବୋଲି ଚିନ୍ମୟୀ କହିଛନ୍ତି । ଚିନ୍ମୟୀଙ୍କ ଏପରି ଚିନ୍ତାଧାରାକୁ ପରିବେଶବିତ୍ ଓ ବୁଦ୍ଧିଜୀବୀ ଢେର୍ ପ୍ରଶଂସା କରିଛନ୍ତି ।



## କିଶୋରନଗରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହେଉନାହାନ୍ତି

# ଆନ୍ଦୋଳନ କରିବ କୃଷକ ସଂଗଠନ

କିଶୋରନଗର, ୩୦ ।୩(ସମିସ)



କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଅନେକ ଡାକ୍ତର ପଦବୀ ଖାଲି ପଡ଼ିଛି । ସେଗୁଡ଼ିକ ପୂରଣ କରାଯାଉ ନ ଥିବାରୁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି । ରୋଗୀମାନେ ସଠିକ ଭାବରେ ସେବା ପାଇପାରୁନାହାନ୍ତି । ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସମସ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରା ନ ଗଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରାଯିବ ବୋଲି ଶନିବାର ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି । ଜଏରାଟ ନିକଟରେ ଅନୁଷ୍ଠିତ କମିଟିର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

କମିଟି ସଦସ୍ୟ ପୀତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ଯୋଗୀନ୍ଦ୍ର ବିଶ୍ୱାଳ, ଶ୍ରୀକର ବେହେରା, ସଚ୍ଚିଦାନନ୍ଦ ସାହୁ, ରମେଶ ଲୁହା, ଲକ୍ଷ୍ମଣ ବେହେରା, ନାରାୟଣ ମେହେର, ସୁରଚି ପ୍ରଧାନ, ଫୁଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । କିଶୋରନଗର ମେଡିକାଲରେ ଆଖପାଖର ୧୫ ପଞ୍ଚାୟତବାସୀ ନିର୍ଭରଶୀଳ । ହେଲେ କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମେଡିକାଲରେ ଆବଶ୍ୟକ ଔଷଧ ମଧ୍ୟ ଯୋଗାଇ ଦିଆଯାଉନାହିଁ । ସମସ୍ତ ବିଶେଷଜ୍ଞ ଡାକ୍ତର ଯୋଗାଇଦେବା ପାଇଁ କମିଟି ପକ୍ଷରୁ ପୂର୍ବରୁ ବହୁବାର ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀମାନେ ଅଯଥାରେ ଖର୍ଚ୍ଚାନ୍ତ ହୋଇ ଅନୁଗୋଳ କିମ୍ବା ବୁର୍ଲା ମେଡିକାଲ ଯିବାକୁ ବାଧ୍ୟ ହେଉଛନ୍ତି । ତୁରନ୍ତ ବିଶେଷଜ୍ଞ ଡାକ୍ତର ଯୋଗାଇ ନ ଦେଲେ କମିଟି ପକ୍ଷରୁ ବଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ସକାଳ THE SAKALA



www.sakalaepaper.com

# ଅସହ୍ୟ ଗ୍ରୀଷ୍ମପ୍ରବାହ, ଗାଁ ମୁହାଁ ହାତୀପଲ

ଢେଙ୍କାନାଳ,୩୦ ।୩(ସମିସ)



ରାଜ୍ୟର ବିଭିନ୍ନ ବନଖଣ୍ଡ ମଧ୍ୟରେ ଢେଙ୍କାନାଳ ବନଖଣ୍ଡରେ ସର୍ବାଧିକ ହାତୀ ରହିଛନ୍ତି । ବର୍ତ୍ତମାନ ଦିନକୁ ଦିନ ତାତି ବଢୁଛି, ଜଙ୍ଗଲରେ ଥିବା ପୋଖରୀରେ ପାଣି ନ ଥିବାରୁ ହାତୀପଲ ଗାଁ ମୁହାଁ ହେଉଛନ୍ତି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ହାତୀଗୁଡ଼ିକ ଜଳକ୍ରୀଡ଼ା କରିବା ଏବଂ ପିଇବା ପାଇଁ ପ୍ରଚୁର ପାଣି ଆବଶ୍ୟକ ହୋଇଥାଏ । ଢେଙ୍କାନାଳ ବନଖଣ୍ଡରେ ୧୧୩ରୁ ଅଧିକ ପୋଖରୀ ଖୋଳାଯାଇଥିବା ବେଳେ ସେଥିରେ ପାଣି ନାହିଁ । ହାତୀ ସହିତ ଅନ୍ୟ ଜୀବଜନ୍ତୁ ପାଣି ପାଇବା ପାଇଁ ଗାଁ ପୋଖରୀ ଏବଂ ନାଳ ନିକଟକୁ ଚାଲି ଆସୁଥିବା ବେଳେ ଶିକାରୀ ଗୁଳିରେ ପ୍ରାଣ ହରାଉଥିବା ଜଣାପଡ଼ିଛି ।

**ଜଙ୍ଗଲ ଭିତରେ ଶୁଖିଲା ପଡ଼ିଛି ପୋଖରୀ**

ଢେଙ୍କାନାଳ ବନଖଣ୍ଡରେ ମୋଟ ୧ ହଜାର ୭୩୭ ବର୍ଗ କିଲୋମିଟର ଜଙ୍ଗଲ ସହ ୧ ହଜାର ୧୪୧ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ, ୫୯୬ ବର୍ଗ କିଲୋମିଟର କେଏଫ୍ ଜଙ୍ଗଲ ରହିଛି । ଢେଙ୍କାନାଳ, ହିନ୍ଦୋଳ, ମହାବିରୋଡ, କାମାକ୍ଷାନଗର ପୂର୍ବ, ପଶ୍ଚିମ ସହିତ ଭୁବନ, ଷଡ଼ଙ୍ଗୀ, କପିଳାସ ଭଳି ୮ ରେଞ୍ଜ ସହିତ ୩୭ ସେକ୍ସନ ଏବଂ ୧୦୪ ବିଟ୍ ରହିଛି । କପିଳାସ ଅଭୟାରଣ୍ୟରେ ହାତୀ, ହରିଣ, ବାଘ, ଝିଙ୍କ, କୁଟୁରା, ସମ୍ବର, ଭାଲୁ, ବଜ୍ରକାପ୍ତା, ଅହିରାଜ, ଅଜଗର ଆଦି ବହୁ ଜୀବଜନ୍ତୁ ଓ ସରୀସୃପ ଅଛନ୍ତି । ୨୦୧୪ରେ ଭାରତର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କପିଳାସକୁ ଇକୋ ସେନ୍ସିଟିଭ ଜୋନ ଭାବେ ଘୋଷଣା କରାଯାଇଛି । ସେହିପରି ଓଡ଼ିଶା ସରକାରଙ୍କ ତରଫରୁ ୨୦୧୬ରେ ଏହାକୁ ଟୁରିଷ୍ଟ ହବ୍ ଭାବେ ଘୋଷଣା କରାଯାଇଛି । ଏହି ଅଭୟାରଣ୍ୟରେ ୨ ଶହରୁ ଅଧିକ ହାତୀ ଅଛନ୍ତି । ହାତୀମାନେ ଖାଦ୍ୟ ପାଇଁ ଦୈନିକ ୧୬ରୁ ୧୮ ଘଣ୍ଟା ଚାଲିଥାନ୍ତି । ଦୈନିକ ଦେଢ଼ କ୍ୱିଣ୍ଟାଲରୁ ଅଧିକ ଖାଦ୍ୟ ଭାବେ ଗଛର ଫଳ, ପତ୍ର, ଛେଲି, ମୂଳ ଖାଇଥାନ୍ତି । ସେହିପରି ପାଣି ପାଇଁ ଦୈନିକ ଜଳାଶୟ ନିକଟକୁ ଯାଇ ଏକାଥରକେ ୫୦ଲିଟର ପାଣି ପିଇବା ସହିତ ୧୦ ଲିଟର ପରିସ୍ରା କରିଥାନ୍ତି । ହାତୀଙ୍କ ସୁରକ୍ଷା ପାଇଁ ବନବିଭାଗ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ହାତୀଙ୍କ ପାଇଁ ମୁଖ୍ୟ ସମସ୍ୟା ସାଜିଛି ବର୍ତ୍ତମାନ ପାଣି ଅଭାବ । ଜଙ୍ଗଲରେ ହାତୀଙ୍କ ପାଣି ସମସ୍ୟା ଦୂର କରିବା ପାଇଁ ବନ ବିଭାଗ ତରଫରୁ ୨୦୦୮ ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୧୦ଟି ପୋଖରୀ ଖୋଳାଯାଇଛି । ତେବେ ଏହି ପୋଖରୀଗୁଡ଼ିକରେ ଖରାଦିନେ ଆଦୌ ପାଣି ରହୁନାହିଁ । ତେଣୁ ପାଣି ପାଇଁ ହାତୀଗୁଡ଼ିକ ଗ୍ରାମ ନିକଟସ୍ଥ ପୋଖରୀକୁ ଚାଲିଆସୁଥିବା ବେଳେ ପାଣି ଯଥେଷ୍ଟ ହେଉନାହିଁ । ହାତୀମାନେ ମୁଖ୍ୟତଃ ବ୍ରାହ୍ମଣୀ ନଦୀ, ଦଣ୍ଡାଧର ଡ୍ୟାମ, ଦଦରାଘାଟି ପ୍ରୋଜେକ୍ଟ, ସାପୁଆ ପୋଜେକ୍ଟ, ବେଡ଼ାପଡ଼ା ଡ୍ୟାମ ଉପରେ ନିର୍ଭର କରୁଛନ୍ତି । ପ୍ରତିଦିନ ବ୍ରାହ୍ମଣୀ ନଦୀର ଦୁଇ ପାର୍ଶ୍ୱରୁ ହାତୀମାନେ ନଦୀକୁ ଆସି ଜଳକ୍ରୀଡ଼ା କରିବା ସହ ବିଭିନ୍ନ ସ୍ଥାନରେ ଥିବା କାଦୁଅ ଏବଂ ମାଟିରେ ସ୍ନାନ କରୁଥିବା ଦେଖିବାକୁ ମିଳୁଛି । ହାତୀମାନେ ଗାଁ ନିକଟ ପୋଖରୀକୁ ମଧ୍ୟ ଚାଲିଆସୁଥିବା ଜଣାପଡ଼ିଛି । ହାତୀମାନଙ୍କୁ ଅଂଶୁଘାତ ହେବାର ନଜିର ରହିଥିବା ବେଳେ ସେମାନଙ୍କ ପାଇଁ ଜଙ୍ଗଲରେ ପାଣି ବ୍ୟବସ୍ଥା କରିବାକୁ ପରିବେଶବିତ ମତ ଦେଇଛନ୍ତି ।

# ଅସୁସ୍ଥ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା

## ଗତିବିଧି ଉପରେ ନଜର ରଖିବାକୁ ଲାଗିଲା ରେଡିଓ କଲାର



**ଢେଙ୍କାନାଳ,୩୦ ।୩(ସମିସ):** ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ବଳଦିଆବନ୍ଧ ଜଙ୍ଗଲରେ ଏକ ଦନ୍ତାହାତୀ ଅସୁସ୍ଥ ହୋଇ ଏଣେ ତେଣେ ବୁଲୁଥିବା ବେଳେ ବନବିଭାଗ ପକ୍ଷରୁ ତାକୁ ଟ୍ରାଙ୍କୁଲାଇଜ କରାଯାଇ ଚିକିତ୍ସା କରାଯାଇଛି । କପିଳାସ ପ୍ରାଣୀ ଚିକିତ୍ସକଙ୍କ ସହିତ ବାଇଓଲୋଜିଷ୍ଟମାନେ ହାତୀର ଚିକିତ୍ସା କରିଛନ୍ତି । ହାତୀ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି । ହାତୀର ଗତିବିଧି ଉପରେ ନଜର ରଖିବା ପାଇଁ ତା' ଶରୀରରେ ରେଡିଓ କଲାର ଲଗାଯାଇଛି ।



ବଳଦିଆବନ୍ଧ ଜଙ୍ଗଲରେ ଏକ ଅସୁସ୍ଥ ହାତୀ ବୁଲୁଥିବା ସୂଚନା ମିଳିଥିଲା । ହାତୀ ଦେହରେ କ୍ଷତ ଥିବା ଦେଖିବାକୁ ମିଳିଥିଲା । ପି ସି ସି ଏ ଫ ଙ୍କ ନିର୍ଦ୍ଦେଶରେ ହାତୀକୁ ଠାବ କରାଯାଇ ବନଖଣ୍ଡ ଅଧିକାରୀ ଏବଂ ଏସିଏଫଙ୍କ ଉପସ୍ଥିତିରେ ଟ୍ରାଙ୍କୁଲାଇଜ କରାଯିବା ପରେ ଚିକିତ୍ସା କରାଯାଇଥିଲା । ହାତୀର ଗତିବିଧି ଉପରେ ନଜର ରଖି ପରବର୍ତ୍ତୀ ସମୟରେ ତା'ର ଅଧିକ ଚିକିତ୍ସା ପାଇଁ ବନବିଭାଗ ତରଫରୁ ହାତୀ ଶରୀରରେ ରେଡିଓ କଲାର ଲଗାଯାଇଛି । ଫଳରେ କାର୍ଯ୍ୟାଳୟରେ ବସି ବନବିଭାଗ କର୍ମଚାରୀ ହାତୀର ଗତିପଥ ନିରୀକ୍ଷଣ କରିପାରିବା ସହ ଠାବ କରିପାରିବେ ବୋଲି ସୂଚନା ଦିଆଯାଇଛି ।

### ମାଲ୍ୟାଗିରି ମହୋତ୍ସବ ଉଦ୍‌ଘାଟିତ

# 'କଳା ଓ କଳାକାରଙ୍କୁ ପରିଚୟ ଦେଇଥାଏ ମହୋତ୍ସବ'



**ପାଲଲହଡ଼ା,୩୦ ।୩(ସମିସ):** ରବିବାର ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡରେ ରବିବାର ମାଲ୍ୟଗିରି ମହୋତ୍ସବ ଉଦଘାଟିତ ହୋଇଛି । ଶନିବାର ନିର୍ବାଚନ ମଣ୍ଡଳୀର ୭ ପ୍ରସିଦ୍ଧ ଶୈବପୀଠରୁ ଆସିଥିବା ମଶାଲକୁ ସ୍ଥାନୀୟ ବଳଦେବଜୀଉ ମନ୍ଦିରରୁ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ପାଲଲହଡ଼ା ଷ୍ଟାଡିୟମରେ ପହଞ୍ଚିଥିଲା । ପରେ ଅନୁଷ୍ଠାନିକ ଭାବେ ମାଲ୍ୟାଗିରି ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଆଞ୍ଚଳିକ ଲୋକକଳା ଓ କଳାକାରଙ୍କୁ ମହୋତ୍ସବ ମଞ୍ଚ ପରିଚୟ ଦେଇଥାଏ ବୋଲି କହିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ବିଡିଓ ନିଶାନ ମିଶ୍ର, ଡେପୁଟି କଲେକ୍ଟର ଶୁଭଶ୍ରୀ ଟୁଡୁ ଏବଂ ସାଂସଦଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ଅତିଥିମାନେ ମହୋତ୍ସବକୁ ଉଦଘାଟନ କରିଥିଲେ । ପାଲଲହଡ଼ା ବିଧାୟକ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟି ଆବାହକ ରବୀନ୍ଦ୍ର କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥିମାନେ ସ୍ମରଣିକା 'ମାଲ୍ୟଗିରି' ଉନ୍ମୋଚନ କରିଥିଲେ । ହୋତେଶ ସାହୁଙ୍କ ରଚିତ ମା' କୁଣ୍ଡେଇବିରାଙ୍କ ଲୀଳାମୃତ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା ।

**ମନ ମୋହିଲା ଘୁଡ଼କା ନାଚ, ଆଧୁନିକ ସଙ୍ଗୀତ**

ପ୍ରଥମ ସନ୍ଧ୍ୟାରେ ମାଲ୍ୟାଗିରି ମୁକ୍ତାକାଶ ରଙ୍ଗମଞ୍ଚରେ ସୁଦୂର ଦିଗପହଣ୍ଡିରୁ ଆସିଥିବା ବିଚିତ୍ର ବର୍ଣ୍ଣାଳୀ ନୃତ୍ୟସଂସ୍ଥାର କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ବଲାଙ୍ଗିରର ଘୁଡ଼କା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ । ବିଳମ୍ବିତ ସନ୍ଧ୍ୟାରେ ବଲିଉଡ୍ ଗାୟକ ତିଲକ ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରି ମାହୋଲକୁ ସରଗରମ କରିଦେଇଥିଲେ ।

### ତାଳଚେରରେ ବିଶାଳ ହିନ୍ଦୁରାଷ୍ଟ୍ର ମହାଧିବେଶନ

# କେନ୍ଦ୍ରୀୟ ଶାସନତନ୍ତ୍ର ତୁରନ୍ତ ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରୁ; ଶଙ୍କରାଚାର୍ଯ୍ୟ




**ଅନୁଗୋଳ,୩୦ ।୩(ସମିସ):** ତାଳଚେର ଦେଉଳବେଡ଼ା ଦୁର୍ଗା ମଣ୍ଡପ ପଡ଼ିଆରେ ରବିବାର ରାଷ୍ଟ୍ରୀୟ ନବବର୍ଷ ଅବସରରେ ବିଶାଳ ହିନ୍ଦୁରାଷ୍ଟ୍ର ମହା ଅଧିବେଶନ ଅନୁଷ୍ଠିତ ହୋଇଛି । ଏଥିରେ ପୁରୀ ଗୋବର୍ଦ୍ଧନ ପିଠାଧୀଶ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ ଦିବ୍ୟ ସନ୍ଦେଶ ପ୍ରଦାନ କରିଛନ୍ତି । କେନ୍ଦ୍ରୀୟ ଶାସନତନ୍ତ୍ର ଖୁବଶୀଘ୍ର ଭାରତକୁ ହିନ୍ଦୁରାଷ୍ଟ୍ର ରୂପେ ଘୋଷଣା କରିବାକୁ ସେ ପରାମର୍ଶ ଦେଇଛନ୍ତି । ଧର୍ମ ନିୟନ୍ତ୍ରିତ, ଶୋଷଣ ବିନିର୍ମିତ, ପକ୍ଷପାତବିହୀନ, ସର୍ବହିତପ୍ରଦ ଶାସନ ବିଧି ବ୍ୟବସ୍ଥା କରିବା ଉପରେ ସେ ଆଲୋକପାତ କରିଛନ୍ତି । ହଜାର ହଜାର ଶ୍ରଦ୍ଧାଳୁ ଜଗଦଗୁରୁଙ୍କ ଆଶୀର୍ବଚନ ଶୁଣିବା ସହ କୃପାଭିକ୍ଷା କରିଛନ୍ତି ।

ସୁସଂସ୍କୃତ, ସୁରକ୍ଷିତ, ସୁଶିକ୍ଷିତ, ସମ୍ପନ୍ନ ସେବା ପରାୟଣ ବ୍ୟକ୍ତି ଆଦର୍ଶ ସମାଜର ସଂରକ୍ଷକ ବୋଲି ସେ କହିଛନ୍ତି । ସମସ୍ତ ସନାତନୀ ହିନ୍ଦୁ ଦୈନିକ ୭୫ ମିନିଟ ସମୟ ଭଗବାନଙ୍କ ପାଇଁ ଦେବା ସହ ପରିବାରରୁ ଏକ ଟଙ୍କା ଲେଖାଏଁ ରଖି ସମାଜର କାର୍ଯ୍ୟରେ ଲଗାଇବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ସଚ୍ଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ନିର୍ବିକାଳ୍ପନାନନ୍ଦ ସରସ୍ୱତୀଙ୍କ ସମେତ ବହୁ ସାଧୁସନ୍ଥ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ସାଂସଦ ମହେଶ ସାହୁ, ନଗରପାଳ ପବିତ୍ର ଭୁତିଆ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ଆଦିତ୍ୟ ବାହିନୀର ରାଜ୍ୟ ସଭାପତି ପଣ୍ଡିତ ମାତୃପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ହିନ୍ଦୁରାଷ୍ଟ୍ର ମହାଧିବେଶନ କାର୍ଯ୍ୟକ୍ରମର ସଂଯୋଜକ ପର୍ଶୁରାମ ବାରିକ, ବରୁଣ ସାହୁ, ବୃନ୍ଦାବନ ବେହେରା ପ୍ରମୁଖ ସହଯୋଗ କରିଥିଲେ । ସମାବେଶରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ପୁଲିସକୁ ଦୁର୍ବ୍ୟବହାର; ଜଣେ ଗିରଫ



**ଗଁଦିଆ,୩୦ ।୩(ସମିସ):** କାର୍ଯ୍ୟରତ ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି । ନିହଲପ୍ରସାଦ ଥାନାରେ ପୂର୍ବରୁ କାର୍ଯ୍ୟରତ ଆଇଆଇସି ସୂଚୀସ୍ମିତା ମହାନ୍ତି ଗତ ୧୨ ତାରିଖ ରତନପୁର ପଞ୍ଚାୟତରେ ପାଟ୍ରୋଲିଂ କରୁଥିବା ସମୟରେ ବେଆଇନ ଭାବରେ ପଥର ବୋଝେଇ କରି ଯାଉଥିବା ଏକ ଟ୍ରାକ୍ଟରକୁ ଚଣ୍ଡିଆ ଛକ ନିକଟରେ ଅଟକାଇ ଗାଡ଼ି କାଗଜପତ୍ର ମାଗିଥିଲେ । ମାତ୍ର ଗାଡ଼ି ଚାଳକ କୌଣସି କାଗଜପତ୍ର ଦେଇ ନ ପାରିବାରୁ ଉକ୍ତ ଟ୍ରାକ୍ଟରକୁ ଥାନାକୁ ନେବାକୁ କହିଥିଲେ । ଥାନାକୁ ଯାଉଥିବା ସମୟରେ କରଡ଼ାବଣି ଗ୍ରାମ ଛକରେ ଏକ ବିବାହ କାର୍ଯ୍ୟକ୍ରମ ଚାଲୁଥିବାରୁ ରାସ୍ତା ଜାମ୍ ରହିଥିଲା । ଏହି ସମୟରେ ରତନପୁର ଗ୍ରାମର ମହେନ୍ଦ୍ର ପୃଷ୍ଟି ଘାଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରାକ୍ଟରକୁ ଛାଡ଼ିଦେବାକୁ ଥାନା ଅଧିକାରିଣୀଙ୍କୁ ଅନୁରୋଧ କରିଥିଲେ । ଥାନା ଅଧିକାରିଣୀ ଟ୍ରାକ୍ଟର ଛାଡ଼ିବାକୁ ମନା କରିବାରୁ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ମହେନ୍ଦ୍ର ଥାନାଧିକାରିଣୀଙ୍କୁ ଦୁର୍ବ୍ୟବହାର କରିଥିଲେ । ଏହାର ସୁଯୋଗ ନେଇ ଟ୍ରାକ୍ଟର ଚାଳକ କୌଶଳକ୍ରମେ ଘାଟଣାସ୍ଥଳରୁ ଖସିଯାଇ ବୋଝେଇ ହୋଇଥିବା ପଥରକୁ ରାସ୍ତା ପାର୍ଶ୍ୱରେ ଡାଳିଦେଇ ଫେରାର ହୋଇଯାଇଥିଲେ । ଏହି ଘାଟଣା ନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା । ରବିବାର ନିହଲପ୍ରସାଦ ଥାନା ପୁଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ ମହେନ୍ଦ୍ର ପୃଷ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ନାବାଳିକାକୁ ଅପହରଣ କରି ବିବାହ; ଯୁବକ ଗିରଫ

ଅନୁଗୋଳ,୩୦ ।୩(ସମିସ): ନାବାଳିକାଙ୍କୁ ଘରୁ ଉଠାଇ ନେଇ ବିବାହ କରିବା ଅଭିଯୋଗରେ ହେମସୁରପଡ଼ାର ଜଣେ ଯୁବକଙ୍କୁ ଗିରଫ କରିଛି ଅନୁଗୋଳ ଥାନା ପୁଲିସ । ଗିରଫ ଯୁବକ ହେଲେ ସୋମନାଥ ବାରିକ (୨୧) । ତୁରଙ୍ଗ ଅଞ୍ଚଳର ୧୬ ବର୍ଷୀୟା ଏହି ନାବାଳିକା ତାଙ୍କ ବଡ଼ ମା'ଙ୍କ ଘରେ ଶୋଇଥିବା ବେଳେ ଗତ ୧୮ ତାରିଖ ତାଙ୍କୁ ଅପହରଣ କରାଯାଇଥିଲା । ଏ ନେଇ ଅନୁଗୋଳ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା । ହେମସୁରପଡ଼ାର ସୋମନାଥ ନାବାଳିକାଙ୍କୁ ପ୍ରେମ କରୁଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା । ସୋମନାଥ ନାବାଳିକାଙ୍କୁ ନେଇ ପ୍ରଥମେ ଭୁବନେଶ୍ୱର ଯାଇଥିଲା । ସେଠାରୁ ବଇଣ୍ଡା ଫେରି ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିଲା । ପରେ ନାବାଳିକାଙ୍କୁ ଏକ ମନ୍ଦିରରେ ବିବାହ କରିଥିଲା । ବିବାହ ପରେ ଉଭୟ ସହର ଉପକଣ୍ଠ ଭଣ୍ଡୁବର ନିକଟରେ ରହୁଥିଲେ । ସେ ନାବାଳିକାଙ୍କ ସହ ଏକାଧିକ ଥର ଶାରୀରିକ ସମ୍ପର୍କ ମଧ୍ୟ ରଖିଥିବା ଜଣାପଡ଼ିଛି । ଖବର ପାଇ ପୁଲିସ ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରିବା ସହ ସୋମନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଦୁଇ ଦୁର୍ଘଟଣାରେ ୨ ଗୁରୁତର



**ଢେଙ୍କାନାଳ,୩୦ ।୩(ସମିସ):** ସଦର ଥାନା ଅନ୍ତର୍ଗତ ଭାଟକାଟେଣୀ ଗ୍ରାମ ଓ ଓସ୍ତପାଳ ଗ୍ରାମ ଆମ୍ବତୋଟା ନିକଟରେ ଦୁଇଟି ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ଭାଟକାଟେଣୀ ଗ୍ରାମ ନିକଟରେ ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ତେବେ ଆହତ ଯୁବକଙ୍କ ପରିଚୟ ମିଳିନାହିଁ । ଦୁର୍ଘଟଣାର କାରଣ ମଧ୍ୟ ଜଣାପଡ଼ିନାହିଁ । ଯୁବକଙ୍କ ହାତରେ ଅର୍ଜୁନ ଲେଖାହୋଇଛି ।

ସେହିପରି ଓସ୍ତପାଳ ଗ୍ରାମ ଆମ୍ବତୋଟା ନିକଟରେ ଦୁର୍ଘଟଣା ଘଟି ଓସ୍ତପାଳ ଗ୍ରାମର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଯୁବକ ଜଣକ କଳାଙ୍ଗରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଆମ୍ବତୋଟା ନିକଟରେ କୁକୁର ସହ ଧକ୍କାହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ।

### ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ

# ଅନୁଗୋଳ ବ୍ଲକର ୪୨୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ଅନୁଗୋଳ,୩୦ ।୩(ସମିସ)







କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାର ସମସ୍ତ ୮ ବ୍ଲକ୍‌ରେ ଏହି ଯୋଜନା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି । ଅନୁଗୋଳ ବିଜୁ ମଇଦାନରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଗୋଳ ବ୍ଲକ ଅନ୍ତର୍ଗତ ୩୪ ପଞ୍ଚାୟତର ୪୨୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ।

ସୂଚନାଯୋଗ୍ୟ, ଏହି ଯୋଜନା ଅନ୍ତର୍ଗତ ପ୍ରତ୍ୟେକ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକ ସୁବିଧା ଦିଆଯିବ । ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ୍ ସଂଯୋଗ ଆଦି ହିତାଧିକାରୀଙ୍କୁ ମିଳିବ । ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ ''ପରିବାର' ଓ ''ପକ୍କାଘର'ର ସଂଜ୍ଞାକୁ ମଧ୍ୟ କୋହଳ କରାଯାଇଛି । ଆଜ୍‌ବେଷ୍ଟସ୍, ଟିଣ ଓ ଟାଇଲ୍ ଛପର ଘରକୁ କଚ୍ଚା ଘର ରୂପେ ବିବେଚନା କରାଯାଇଛି । କେବଳ ସିମେଣ୍ଟ ଯୋଡ଼େଇ କାନ୍ଥ ସହ ଆରସିସି ଛାତକୁ ପକ୍କାଘର ମାନ୍ୟତା ପ୍ରଦାନ କରାଯାଇଛି । ଆଭାସି ମାଧ୍ୟମରେ ଜିଲ୍ଲାର ସମସ୍ତ ୮ ବ୍ଲକ୍‌ରୁ ଲୋକେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ସହ ଯୋଡ଼ିହୋଇଥିଲେ ।

**ବଣ୍ଟାଁରପାଳ:** ପଞ୍ଚାୟତ ସମିତି ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ହୋଇଛି । ବିଡିଓ ଲୋଚନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି । ଏଥିରେ ବ୍ଲକ ଅଧ୍ୟକ୍ଷ ବିଜୟ ନାଥ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅମିୟ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟ ଗୋପାଳ ନାଏକ ଅତିଥି ଭାବେ ଯୋଗଦେଇଥିଲେ । ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ । ପ୍ରତ୍ୟେକ ପଞ୍ଚାୟତର ୧୫ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ମିଳିଛି । ୪୬୮ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ।

**ତାଳଚେରସଦର:** ତାଳଚେର ବ୍ଲକରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ହୋଇଛି । ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ବଭ୍ରୁପ୍ରସାଦ ପତି ଯୋଗଦେଇଥିଲେ । ବ୍ଲକ କର୍ମଚାରୀଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ ।

**କିଶୋରନଗର:** କିଶୋରନଗର ବ୍ଲକ ପରିସରରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି । ବିଡିଓ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୈରିନ୍ଧ୍ରୀ ପ୍ରଧାନ ଯୋଗଦେଇ ବ୍ଲକର ୨୫୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ସମସ୍ତ ପଞ୍ଚାୟତର ସରପଞ୍ଚ, ପିଇଓ, ଏଡିଇଓ ଓ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

**କଣିହାଁ:** ସ୍ଥାନୀୟ ଟୋଲକବେଡ଼ା ଖେଳପଡ଼ିଆରେ ରବିବାର ପୂର୍ବାହ୍ନରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି । ବିଡିଓ ତ୍ରିବିକ୍ରମ କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ ପ୍ରମୁଖ ଯୋଗଦେଇଥିଲେ । ବ୍ଲକର ୨୭ ପଞ୍ଚାୟତର ୩୨୩ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ ହିତାଧିକାରୀ ପ୍ରାଥମିକତା ଭାବେ ଏହି ଯୋଜନାରେ ସାମିଲ ହୋଇଛନ୍ତି । ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ଲକ ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ବିପିସି, ବିପିଏ, ସମସ୍ତ କର୍ମଚାରୀ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।









# କେନ୍ଦ୍ରାପଡ଼ାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

କେନ୍ଦ୍ରାପଡା,୩୦।୩ (ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ



ପଡିଆରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ, କେନ୍ଦ୍ରାପଡା ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରଥ, ସଭ୍ୟା ମଧୁଛନ୍ଦା ମହାନ୍ତି, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶୁଭ୍ରଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲ୍ଲାରେ ୧୫୫୯ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦେବାକୁ ପ୍ରସ୍ତାବ ଦିଆଯାଇଛି। ଆଜି ଉତ୍ସବରେ ୬ ଜଣ ଯୋଗ୍ୟ ହିତାଧିକାରୀ ଯଥା କୁଇଧର ବିଶ୍ୱାଳ, ଅନ୍ତର୍ଯ୍ୟାମୀ ମହାନ୍ତି, ରେବତୀ ସ୍ୱାଇଁ, ବୁଲା କିଶୋର ମଲିକ, ଧନଞ୍ଜୟ ପରିଡା ଓ ପ୍ରହଲ୍ଲାଦ ଜେନାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉତ୍ସବରେ ହିତାଧିକାରୀ, ଜନସାଧାରଣ, ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

**ଡେରାବିଶ:** ଡେରାବିଶ ବ୍ଲକରେ ଆଜି ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଓଡ଼ିଶାର ମୋହନ ସରକାରଙ୍କ ଏହି ଜନହିତକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଯୋଜନା ମାଧ୍ୟମରେ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ସହିଦ ପରିବାର, ଅଗ୍ନିବିପନ୍ନ ପରିବାର, ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ପରିବାର ଓ ସର୍ବୋପରି ବନ୍ୟା, ବାତ୍ୟାକ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍କା ଗୃହ ପ୍ରଦାନ କରାଯିବ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ



ଅନ୍ତର୍ଗତ ୧୬୩ ଟି ପରିବାରକୁ ଶ୍ରୀ ପରିଡ଼ା ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଡ଼ିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ସିଡ଼ିପିଓ ହରପ୍ରିୟା ଦେବୀ, ଜିପିଓ ନନ୍ଦିନୀ ଶତପଥି, ରଶ୍ମୀ ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଜନପ୍ରତିନିଧି ମାନେ ଉପସ୍ଥିତ ରହିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଦେବେଶ ବେହେରା, ଶିବ କୁମାର, ଚୌଧୁରୀ ଦିପକ ଦାସଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ବ୍ଲକରେ ଅନ୍ତ୍ୟୋଦୟ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବକୁ ରାଜନଗର ବିଧାୟକ ଧ୍ରୁବ ସାହୁ



ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ବିନ୍ଦୁ ସାଗର ଦାସ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମିତି ସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ବିନାୟକ ମିଶ୍ର, ଇଂ.ପ୍ରସନ୍ନ ରାଉତ, ଇଂ କଣ୍ଠଶେଷ ବ୍ରହ୍ମା, ସରପଞ୍ଚ ସନ୍ତୋଷ ସେଠୀ, ପ୍ରିୟବ୍ରତ ଓଝା, ରଂଜିତା ସାହୁ, ରମେଶ ମଲ୍ଲିକ, ନରେଶ ମଲ୍ଲିକ, ସଂଗ୍ରାମ ବାରିକ, ଗଣେଶ ଦାସ, ବନୋଜ ସେଠୀ, ସସ୍ମିତା ସେଠୀ, ସନ୍ତୋଷିନୀ ଜେନା ଜ୍ଞାନ ରଞ୍ଜନ ଖଣ୍ଡାୟୀ, ନରସିଂହପୁର ସରପଞ୍ଚ ଦିପ୍ତିମୟୀ ପରିଡା, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ନିରଞ୍ଜନ ବାରିକ,ମାନସ ମଲ୍ଲିକ, ସୁମିତ୍ରା ସାହୁ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତର ୧୬୮ ଜଣ ହିତାଧିକାରୀଙ୍କ ମଧ୍ୟରୁ ୯୦ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଭାତ ମଲ୍ଲିକ, ପ୍ରିୟରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ବିରୂପା କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦ୍ରାପଡ଼ା,୩୦।୩(ସମିସ): ଇନ୍ଦୁପୁରସ୍ଥ ବିରୂପା କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଅଶୋକ କୁମାର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ୩୭ ବର୍ଷ ନିରବଚ୍ଛିନ୍ନ ଶିକ୍ଷାଦାନର ଶେଷ କାର୍ଯ୍ୟ ଦିବସ ଚଳିତ ମାସ ୩୧ ତାରିଖ ଥିବାବେଳେ କଲେଜ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ଅଭିଜିତ ବୋଷଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ବରିଷ୍ଠ ଅଧ୍ୟାପକ ଭବାନୀ ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ମହାପାତ୍ର, ଅଧ୍ୟାପକ ନିଗମାନନ୍ଦ ନାୟକ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରେମାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ନାୟକ ଶିକ୍ଷାକୁ ଜୀବନର ବ୍ରତ କରି ଅଗଣିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢି ତୋଳିବାରେ ସହାୟକ ହୋଇଥିବା କହିଛନ୍ତି। ଶିକ୍ଷାଦାନ ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ହୋଇ ବିକଶିତ ଗ୍ରାମ ଗଠନ ପାଇଁ ତାଙ୍କର ତ୍ୟାଗ ପ୍ରଶଂସା ଯୋଗ୍ୟ ବୋଲି ଉପସ୍ଥିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ସ୍ଥାନୀୟ ନେତୃ ମଣ୍ଡଳୀ ପ୍ରକାଶ କରିଥିଲେ। କ୍ରୀଡ଼ା ଶିକ୍ଷକ ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



ରାଜନଗର,୩୦।୩ (ସମିସ): ଆଜି ସାରା ରାଜ୍ୟରେ ରାଷ୍ଟ୍ରୀୟ ନବବର୍ଷ ଅବସରରେ ରାଜ୍ୟ ସରକାର ନୂତନ ଅନ୍ତୋଦୟ ଗୃହ ଯୋଜନା ଶୁଭାରମ୍ଭ କରିଛନ୍ତି। ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ଏହି ଲୋକକଲ୍ୟାଣ ଯୋଜନା ଆରମ୍ଭ ହୋଇଛି। ଆଜି ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ରାଜନଗର ହାଇସ୍କୁଲ ପଡ଼ିଆରେ ଆୟୋଜିତ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ, ସାଂସଦ ପ୍ରତିନିଧି ଲଳିତ କୁମାର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଆଇଆଇସି ନରେଶ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ବ୍ଲକର ୧୦୧ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ସହିଦ ପରିବାର, ଘରପୋଡ଼ି କ୍ଷତିଗ୍ରସ୍ତ ଲୋକଙ୍କୁ ଏଥିରେ ସାମିଲ କରାଯାଇଛି ବୋଲି ବିଡିଓ ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନିରଞ୍ଜନ ରାଉତ, ଅଶୋକ କୁମାର ମହାନ୍ତି, ସସ୍ମିତା ମହାନ୍ତି, ବୀଣାପାଣି ପ୍ରଧାନ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ସୁମିତ୍ରା ସେଠୀ, ପ୍ରଶାନ୍ତ କୁମାର ରାଉତଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ୩ ଶହ ଲିଟର ପୋଚ ନଷ୍ଟ : ୩ ଗିରଫ

ପାରାଦୀପ, ୩୦।୩ (ସମିସ) : ଅଭୟଚାନ୍ଦ ପୁର ଥାନା ଅଧିନ ରାମଚଣ୍ଡୀପଡ଼ାରେ ପୁଲିସ ଚଢ଼ଉ କରି ୩ ଶହ ଲିଟର ମଦ ତିଆରି ପାଇଁ ରହିଥିବା ପୋଚକୁ ଜବତ କରିଛି। ଏଥିରେ ସଂଶ୍ଲିଷ୍ଟ ଥିବା ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ମୁତାବକ ରାମଚଣ୍ଡୀ ପଡାରେ ରନ୍ଧା ମଦ ତିଆରି ହୋଇ ରୀତିମତ ବିକ୍ରି ହେଉଥିବା ଖବର ବିଶେଷ ସୂତ୍ରରୁ ପୋଲିସ ନିକଟରେ ପହଞ୍ଚି ଥିଲା। ଏନେଇ ଲକ୍ ପୋଲିସ ର ଏକ ଟିମ ସକାଳୁ ସକାଳୁ ସେଠାରେ ଚଢାଉ କରିଥିଲେ। ଚଢାଉ ବେଳେ ମୟୁରଭଞ୍ଜ ଜିଲ୍ଲାର ଯେକି ଏହି ରାମଚଣ୍ଡୀ ପଡାରେ ଦୀର୍ଘଦିନ ହେବ ରହି ଆସୁଥିବା ବୁଲା ମାଝୀ, ଜିତ ରାୟ ମୁର୍ମୁ ଓ ପୀଠ ମାରାଣ୍ଡିକୁ ଗିରଫ କରାଯାଇଛି। ସେହି ସ୍ଥାନରୁ ମଦ ତିଆରିରେ ବ୍ୟବହୃତ ବହୁ ରସ ହାଣ୍ଡି ଗୁଡିକୁ ମଧ୍ୟ ପୋଲିସ ଉଦ୍ଧାର କରିଛି।

# ସଟର ତାଡ଼ି ଦୋକାନରୁ ଚୋରି

ଡେରାବିଶ , ୩୦।୩(ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରର ଜିବି ଟ୍ରେଡର୍ସରୁ ଗତକାଲି ରାତିରେ ସଟର ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ଦୋକାନର ମାଲିକ ଧିରେନ କୁମାର ସାହୁ ସବୁଦିନ ପରି ଗତକାଲି ରାତିରେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳେ ଦୋକାନ ଖୋଲିବାକୁ ଆସି ଦେଖନ୍ତିତ ତାଙ୍କ ଦୋକାନର ସଟର ତଡ଼ା ଯାଇଛି। ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିବା ପରେ ଘଟଣା ସ୍ଥଳରେ ପୋଲିସ୍ ତଦନ୍ତ କରିବା ସହ ଦୋକାନ ଭିତରକୁ ଯାଇ ଡ୍ରୟର ଭଙ୍ଗାଯାଇ ସେଥିରେ ଥିବା ୩୮ ହଜାରରୁ ଉଦ୍ଧ୍ୱର୍ ଟଙ୍କା ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏଥିସହିତ ତାଙ୍କ ଦୋକାନ ବାହାରେ ଲାଗିଥିବା ଦୁଇଟି ସିସି କ୍ୟାମେରାକୁ ଚୋରମାନେ ତାଡ଼ି ନେଇଯାଇଥିବା ମଧ୍ୟ ଅଭିଯୋଗ କରାଯାଇଛି।

# ନିର୍ମାଣ ଶ୍ରମିକ ସଂଘ ଜିଲ୍ଲା ଶାଖା କାର୍ଯ୍ୟକାରୀ ବୈଠକ

ଡେରାବିଶ , ୩୦।୩(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କାର୍ଯ୍ୟକାରୀ କମିଟିର ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାନେତ୍ରୀ କାମିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ



ସଂଘର ପ୍ରତିଷ୍ଠାତା ତଥା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କର ସମସ୍ୟା ବଢ଼ିବଢ଼ି ଚାଲୁଥିବା ବେଳେ ତାର ସମାଧାନ ହେଉନଥିବା କହିଥିଲେ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ନିର୍ମାଣ ଶ୍ରମିକମାନଙ୍କର ସମସ୍ୟା ସମାଧାନ କରିବା ଦୂରେ ଥାଉ ବହୁ ସମସ୍ୟା ସୃଷ୍ଟି କରି ଚାଲିଛି ବୋଲି କହିଥିଲେ। ଯଦି ସମସ୍ୟାର ସମାଧାନ କରାନଯାଏ, ତେବେ ନିର୍ମାଣ ଶ୍ରମିକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଥିଲେ। ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରି ବାହାଲି ଟୁଡୁ, ସେକ୍ ରିଆଜୁଦ୍ଦିନ୍, ପ୍ରଦିପ୍ତ ସାମଲ, ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ମନୋଜ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ରାମଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ

ପଟ୍ଟାମୁଣ୍ଡାଇ,୩୦।୩ (ସମିସ): ପଟ୍ଟାମୁଣ୍ଡାଇ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ଓ ବଣିକ ସଂଘ ମିଳିତ ଆନୁକୂଲ୍ୟରେ ଶ୍ରୀରାମ ଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞ ଗତ ୨୯



ତାରିଖରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ମାନସ ମଣ୍ଡପ ଠାରେ ଆରମ୍ଭ ହୋଇଛି । ଏହି ମହାର୍ଘ୍ୟ କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ମହାନ ଆଧ୍ୟାମ୍ବିକ ମହୋତ୍ସବରେ ଢେଙ୍କାନାଳ ଭୁବନ ଆଶ୍ରମର ପଣ୍ଡିତ ସନ୍ତୋଷ ଚୈତନ୍ୟ, ଜଗତପୁର ହରିହରାନନ୍ଦ ଆଶ୍ରମର ତ୍ରିଜୀବ ଦାଶ, ଭଦ୍ରକ ପୀରହାଟର ପଣ୍ଡିତ ବିଜୟ ରାଘବେନ୍ଦ୍ର ଦାସ, ଭୁବନେଶ୍ୱରର ଡ. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଅନଗୁଳର ଅନ୍ତର୍ଯ୍ୟାମୀ ମହାରାଜ ପ୍ରମୁଖ ଯୋଗ ଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମ ସବୁମତେ ସଫଳ କରିବା ପାଇଁ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ସଭାପତି କିରଣ କୁମାର ଭୂୟାଁ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି) ଚତୃର୍ଭୁଜ ରାଉଳ, ଗୀତା ଚାରଣ ସମିତି ସଭାପତି ପ୍ରମୋଦ ନାୟକ, ଆଡ଼ଭୋକେଟ ସଞ୍ଜୟ ସାହୁ, ବଣିକ ସଂଘ ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ନୃସିଂହ ପାଢ଼ୀ,ଅଚ୍ୟୁତାନନ୍ଦ ଜେନା, କିଶୋର ଜେନା ,ହରେକୃଷ୍ଣ ସାହୁ ରବୀନ୍ଦ୍ର ସାହୁ,ସମ୍ବିତ ଦାଶ, ବ୍ରଜ କିଶୋର ସାହୁ ,ସୁଦର୍ଶନ ଦାଶ ରାଜେନ୍ଦ୍ର ଦାଶ, ଅଜୟ ପାଢ଼ୀ, ସଂଗ୍ରାମ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ପାଳିତ



ଜଗତସିଂହପୁର,୩୦।୩ (ସମିସ): ଜଗତସିଂହପୁର ଜିଲ୍ଲା ସଦର ମହକୁମାର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମବାୟ ବର୍ଷ-୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଶିକ୍ଷାବିତ୍ ବିଭୂଦତ ପ୍ରଧାନ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମବାୟ ଶବ୍ଦର ବ୍ୟାଖ୍ୟା କରିବା ସହିତ ପୁରାଣ ଯୁଗରୁ ମହିଳାମାନେ ସଶକ୍ତ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଓମଫେଡ୍‌ର ସାଧାରଣ ପରିଚାଳକ, ନାବାର୍ଡର ଡିଡିଏମ୍ ଏବଂ ନିୟନ୍ତ୍ରୀତ ବଜାର କମିଟିର ସଂପାଦକ ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମବାୟ ସମିତି ସମୂହର ଉପ-ନିବନ୍ଧକ ପ୍ରଭାତ ଚନ୍ଦ୍ର ଶତପଥି ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବେଣୀପୁରରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ

ପଞ୍ଚୁପାଣ୍ଡବ,୩୦।୩(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ଗ୍ରାମର ଦଧିବାବନ ଜୀଉ ମନ୍ଦିର ପରିସରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅଷ୍ଟପ୍ରହରୀ ତିନି ଦିନ ଧରି ପାଳନ ହେବ। ବିଭିନ୍ନ ସ୍ଥାନରୁ ୮ ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଛନ୍ତି। ଗ୍ରାମର ଲୋକେ ଏହାକୁ ପ୍ରାୟ ଶହେ ବର୍ଷରୁ ଅଧିକ ସମୟ ହେବ ପାଳନ କରି ଆସୁଛନ୍ତି ବୋଲି ଗ୍ରାମର ସମାଜସେବୀ ପ୍ରଦୀପ କୁମାର ସାମଲ କହିଛନ୍ତି। ଏହି କାର୍ଯ୍ୟକୁ କର୍ତ୍ତା ଭାବେ ରମେଶ ଚନ୍ଦ୍ର ସାମଲ, ସୁଦୀପ୍ତ କେଶରୀ ସାମଲ, ଲଲାଟ କେଶରୀ ସାମଲ, ଅଶୋକ କୁମାର ସାହୁ, ବୈଷ୍ଣବ ଚରଣ ସାହୁ, ସୀତାକାନ୍ତ ସ୍ୱାଇଁ ଏବଂ ଗ୍ରାମର ଲୋକମାନେ ସହଯୋଗ କରିଥିଲେ।

**■ ଦେବେନ୍ଦ୍ର ଶର୍ମାଙ୍କ ଦଶାହ**

# ମୁଣ୍ଡନ ହେଲେ ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ

ରାଜକନିକା, ୩୦।୩(ସମିସ): ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଆଜି ଦଶାହରେ ରାଜକନିକା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର କର୍ମୀ ମୁଣ୍ଡନ ହୋଇଛନ୍ତି। କୋରନ୍ଦ



ପଞ୍ଚାୟତରେ ଯୁବନେତା ରଞ୍ଜନ ସେଠୀଙ୍କ ନେତୃତ୍ୱରେ ବାବୁଲି ସେଠୀ, ଗୋପୀନାଥ ସେଠୀ, ଜୟନ୍ତ ଦାସ, ଗରୀବ ବାରିକ, ରମାକାନ୍ତ ବେହେରା, ବିଦ୍ୟାଧର ବେହେରା, ରବୀନ୍ଦ୍ର ବେହେରା (ବାୟା), ବିମ୍ବାଧର ବେହେରା, ନବଘନ ବେହେରା, ରବୀନ୍ଦ୍ର ବେହେରା, ସୁରେନ୍ଦ୍ର ସାହୁ, ପପୁନି ସାହୁ, ମେଘନାଦ ସାହୁ, ରଞ୍ଜନ ସାହୁ ପ୍ରମୁଖ ମୁଣ୍ଡନ ହୋଇଛନ୍ତି। ସେହିପରି ଭାରିଗଦା ପଞ୍ଚାୟତର ନିରୋଦ ବିଶ୍ୱାଳ, ଅରୁଣ ମଲିକ, ଅଶ୍ୱିନୀ ମୁଦୁଲି, କୈଳାସ ବିଶ୍ୱାଳ, ଶଙ୍କର୍ଷଣ ମଲିକ, ଅମର ରାଉତ, ରାମଚନ୍ଦ୍ର ଓଝାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଦେବେନ୍ଦ୍ରପ୍ରେମୀ ସେମାନଙ୍କ ପ୍ରିୟ ନେତାଙ୍କୁ ଶୁଦ୍ଧି ହୋଇଥିବା ଦେଖିବାକୁ ମିଳିଛି।

# ବଉଳ ୟୁଥ୍ ଏବଂ ଇକୋ କ୍ଲବର ବାର୍ଷିକ ଉତ୍ସବ




ନାଉଗାଁ, ୩୦।୩ (ସମିସ) : ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଗାଁ ହାଟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀଙ୍କ ସଭାପତିତ୍ୱରେ ତଥା ଇକୋ କ୍ଲବ ଦାୟିତ୍ୱରେ ଥିବା ରାଜ୍ୟ କୃତି ଶିକ୍ଷକ ମାନସ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଉଳ ୟୁଥ୍ ଆଣ୍ଡ ଇକୋ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ଘୋଡ଼ାଂଶର ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଯୋଗଦେଇ ବ୍ୟାପକ ବୃକ୍ଷରୋପଣ କରି ଏହାର ଯତ୍ନ ନେବାକୁ ଉପସ୍ଥିତ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସମାଜସେବୀ ବୈଷ୍ଣବ ଚରଣ ଦାସ ଯୋଗ ଦେଇ ସୁସ୍ଥ ସମାଜ ପାଇଁ ଯୁବଗୋଷ୍ଠୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ପ୍ରଳୟ ରଞ୍ଜନ ବେହେରା, ସନ୍ତୋଷ କୁମାର ପରିଡା, ଶିକ୍ଷୟିତ୍ରୀ ସ୍ୱାତୀ ସ୍ୱାଇଁ, ସମୀକ୍ଷା ଗିରି, ଶୁଭଶ୍ରୀ ସ୍ୱାଇଁ, ମିଲି ପ୍ରଧାନ ଓ ବେବିନା ସେଠୀ ସହଯୋଗ କରିଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ନାମରେ ନୋଟିସ୍

ଏରସମା,୩୦।୩(ସମିସ): ଏରସମା ବ୍ଲକ କୁଞ୍ଜକୋଠି ପଞ୍ଚାୟତର କାଳିକୁଦ ଗ୍ରାମର ଅଙ୍ଗନବାଡ଼ି କର୍ମୀ ଚନ୍ଦନା ବେହେରା ବହୁ ଦିନଧରି ଅଙ୍ଗନବାଡ଼ି କେନ୍ଦ୍ରକୁ ନ ଆସିବାରୁ ବିଭିନ୍ନ କାର୍ଯ୍ୟରେ ବଧା ସୃଷ୍ଟି ହୋଇଛି। ଯାହାକୁ ନେଇ ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାର ପକ୍ଷରୁ ଜନ ସାଧାରଣଙ୍କ ସ୍ଥାନରେ ନୋଟିସ ମରାଯାଇଛି। ଯେ ଯଦି ୧୫ ଦିନ ମଧ୍ୟରେ ଯୋଗଦାନ ନ କରିବେ ତାଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦର୍ଶାଯାଇଛି।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ପଟ୍ଟାମୁଣ୍ଡାଇ,୩୦।୩ (ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୨୦ନଂ ୱାର୍ଡ ଗୁଲୁନଗର ସ୍ଥିତ ଗାୟତ୍ରୀ ପ୍ରଜ୍ଞା ପୀଠରେ ୩୦ତମ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ବିଶାଳ ଦୀପ ମହାଯଜ୍ଞ ମହୋତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ପ୍ରଜ୍ଞାପୀଠର ସ୍ରୋତସ୍ୱିନୀ ଭଉଣୀ, ପ୍ରଭାତ ଭାଇଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଓଡିଶା ଜୋନ ପ୍ରଭାରୀ ବଳରାମ ସାହୁ ଗୌତମଙ୍କ ସଂଯୋଜନା, ସଂଗୀତ କର୍ମକାଣ୍ଡକାର ରବୀନ୍ଦ୍ର ଗୌଡ଼, ଓ ଅନାଦି ଭାଇ ପ୍ରମୁଖଙ୍କ ସଂଚାଳନାରେ ଆୟୋଜିତ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଓ ଦୀପ ମହାଯଜ୍ଞର ପ୍ରଥମ ଦିବସ ପ୍ରଭାତରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁଗ ନିର୍ମାଣର ଧର୍ମ ଧ୍ୱଜା ଉତ୍ତୋଳନ କରିଥିଲେ। ଦ୍ୱିତୀୟ ଦିବସରେ ପିତୃମାତୃ ପୂଜନ, ଯଜ୍ଞରେ ଆହୁତି ପ୍ରଦାନ,ନାମକରଣ ସହ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ତିମ ପର୍ଯ୍ୟାୟରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ସମେତ ଗାୟତ୍ରୀ ପ୍ରଜ୍ଞାପୀଠ ପରିଜନମାନେ ମହାଯଜ୍ଞରେ ଆହୂତି ପ୍ରଦାନ କରିଥିଲେ।

# ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୩୦।୩(ସମିସ):

ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ଊନବିଂଶ ବାର୍ଷିକ ବନ୍ଧୁମିଳନ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ସ୍ଥାନୀୟ ଗୌରୀଶଙ୍କର ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ପୂର୍ଣ୍ଣନନ୍ଦ ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥଲେ। ସାଧାରଣ ସମ୍ପାଦକ ନରୋତ୍ତମ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଭ୍ୟ ହେମନ୍ତ କୁମାର ଜେନା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁସାହିତ୍ୟିକା ଡଃ ପ୍ରୀତିପ୍ରତିଭା ଭୋଳ, ବିଶିଷ୍ଟ ଅତିଥି ପ୍ରାକ୍ତନ ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ବ୍ରଜେନ୍ଦ୍ର କୁମାର ପରିଡା, ମୁଖ୍ୟବକ୍ତା କେନ୍ଦ୍ରାପଡ଼ା କଲେଜ ପ୍ରାକ୍ତନ ବରିଷ୍ଠ ଇଂରାଜୀ ଅଧ୍ୟାପକ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସମ୍ବଲପୁରର ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିଶାକର ମୁଦୁଲି, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ଓ ସଂଗଠନର ପ୍ରତିଷ୍ଠାତା ଆବାହକ ମନ୍ମଥ କୁମାର ରାୟ ଯୋଗଦାନ କରିଥିଲେ। ଏହି ଅବସରରେ ସଂଗଠନର ବାର୍ଷିକ ମୁଖପତ୍ର 'ସାଙ୍ଗପ୍ରଭା'ର ଚତୁର୍ଥ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପୂଜ୍ୟପୂଜାର



ସମ୍ମାନ ପାଇଁ ବରିଷ୍ଠ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ପରିଦର୍ଶକ ନିଶାକର ମୁଦୁଲି, ବରିଷ୍ଠ ସଭ୍ୟ ଗୌରାଙ୍ଗ ଚରଣ ଶତପଥୀ, ନରେନ୍ଦ୍ର କୁମାର ନାୟକ, ଗୋପୀନାଥ ଦାଶ, ବୃତ୍ତି ଶିକ୍ଷକ ପର୍ଶୁରାମ ପୃଷ୍ଟି, ନୀଳମାଧବ ରାଉତ, ସୁବାଷ ଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଈଶ୍ୱର ଚନ୍ଦ୍ର ମନ୍ତ୍ରୀ, ଉପସଭାପତି କୈଳାସ ଚନ୍ଦ୍ର ପଟ୍ଟନାୟକ, ଅନାମ ଚରଣ ସାହୁ, ଦୋଳଗୋବିନ୍ଦ ସାହୁ, କାମପାଳ ଜେନା, ଅକ୍ଷୟ କୁମାର ସ୍ୱାଇଁ, ଦାଶରଥୀ ନାୟକ, ନିରଞ୍ଜନ ପୋଥାଳ, ନିରଞ୍ଜନ ସାମଲ, ସନାତନ ତରାଇ, ନିରଞ୍ଜନ ନାୟକ, କୈଳାସ ଚନ୍ଦ୍ର ସ୍ୱାଇଁ, ସୋମନାଥ ପଢିହାରୀ, ସଞ୍ଜୟ କୁମାର ଆଚାର୍ଯ୍ୟ, ନରୋତ୍ତମ ବେହେରା, ନରହରି ପାତ୍ର, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ଅଜୟ କୁମାର ପରିଡା, ମାଗୁଣି ଚରଣ ବିଶ୍ୱାଳ, ନନ୍ଦ କିଶୋର ସ୍ୱାଇଁ, ପାବନି କୁମାର ରାଉତ, ବାଉରୀବନ୍ଧୁ ମୁଦୁଲି ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପତ୍ରିକା ସମ୍ପାଦକ କାଶୀନାଥ ରାଉତରାୟ, ଦୋଳଗୋବିନ୍ଦ ସାହୁ, ଅନାମ ଚରଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ବିଜୟ କୁମାର ନାଥ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ



ଢେଙ୍କାନାଳ, ୩୦।୩(ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଉପସ୍ଥିତିରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଓ ମନୋନୀତ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ୧୭୩ ଜଣ ଆବେଦନକାରୀଙ୍କୁ ଶିକ୍ଷା ସହାୟତା ବାବଦ ୧୬ ଲକ୍ଷ ୬୭ ହଜାର ୨୦୦ ଟଙ୍କା, ବିବାହ ସହାୟତା ବାବଦ ୧୧୪ ଜଣଙ୍କୁ ୫୬ ଲକ୍ଷ ୭୫ ହଜାର, ୩ ଜଣଙ୍କୁ ପ୍ରସୂତିକାଳୀନ ସହାୟତା ବାବଦ ୩୦ ହଜାର, ୭୯ ଜଣ ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦ ୧ କୋଟି ୬୪ ଲକ୍ଷ ଏବଂ ୭୮ ଜଣ ମନୋନୀତ ବ୍ୟକ୍ତିଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦ ୩ ଲକ୍ଷ ୯୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଶିବିରରେ ଜିଲ୍ଲା ଶ୍ରମ ଅଧିକାରୀ କଲ୍ୟାଣ ତପନ କୁମାର ସୂତାର, ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଓ ନିର୍ମାଣ ଶ୍ରମିକମାନେ ଉପସ୍ଥିତ ଥିଲେ।

## ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ



କାମାକ୍ଷାନଗର, ୩୦।୩(ସମିସ): ରାଜ୍ୟରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଏହାର ମୁକାବିଲା ପାଇଁ କାମାକ୍ଷାନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ବିଦ୍ୟାଳୟଗୁଡ଼ିକରେ ପାନୀୟ ଜଳ ମହଜୁଦ ରଖିବା, ଟାଣ ଖରା ସମୟରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ କାମାକ୍ଷାନଗର, ଭୁବନ, ପରଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକର ବିଡିଓ, ତହସିଲଦାର, କାମାକ୍ଷାନଗର ଏସଡିପିଓ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

## ଏନସିସି ୭ମ ବାଟାଲିୟନ ପକ୍ଷରୁ ସାଇକ୍ଲୋଥନ



କାମାକ୍ଷାନଗର, ୩୦।୩(ସମିସ): ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ୭ମ ଓଡ଼ିଶା ବାଟାଲିୟନ ଏନସିସି ତରଫରୁ ସାଇକ୍ଲୋଥନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମାର୍ଚ୍ଚ ୧୨ରେ ପୁରୀରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ ରବିବାର କାମାକ୍ଷାନଗର ମହାବିଦ୍ୟାଳୟରେ ପହଞ୍ଚିଛି। ଏହି ସାଇକ୍ଲୋଥନ ରାଜ୍ୟର ୧୨ ଜିଲ୍ଲାରେ ସଚେତନତା କରି ପ୍ରାୟ ୮୫୦ କିଲୋମିଟର ଦୂରତା ଅତିକ୍ରମ କରି କାମାକ୍ଷାନଗର ମହାବିଦ୍ୟାଳୟରେ ପହଞ୍ଚିଥିଲା। ସଡ଼କ ସୁରକ୍ଷା, ସାଇବର ଠକେଇ, ନାରୀ ଶସକ୍ତୀକରଣ, ପରିବେଶ ସୁରକ୍ଷା ଇତ୍ୟାଦି ଉପରେ ବିଭିନ୍ନ ମହାବିଦ୍ୟାଳୟର ଏନସିସି କ୍ୟାଡେଟମାନଙ୍କୁ ସଚେତନ କରାଯାଇଥିଲା। ଏ ନେଇ କାମାକ୍ଷାନଗର ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମଙ୍ଗୁଲୁ ନାୟକ, ୭ମ ଓଡ଼ିଶା ବାଟାଲିୟନ ଭଦ୍ରକ ଶାଖାର ସୁବେଦାର ପିସି ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଇକ୍ଲୋଥନ କଟକ ଅଭିମୁଖେ ବାହାରିଥିଲା।

## ଅଭିରାମ ପରମହଂସ ଭକ୍ତଗୋଷ୍ଠୀର ବୈଠକ



ଢେଙ୍କାନାଳ, ୩୦।୩(ସମିସ): ସ୍ଥାନୀୟ ଦଧିବାମନଜୀଉ ମଠ ପ୍ରାଙ୍ଗଣରେ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଜିଲ୍ଲାସ୍ତରୀୟ ଭକ୍ତଗୋଷ୍ଠୀଙ୍କ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଭକ୍ତଗୋଷ୍ଠୀର ସଭାପତି ସୁଧାକର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଗତ ବାର୍ଷିକ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀର ଆୟବ୍ୟୟ ହିସାବ ଦିଆଯାଇଥିଲା। ଚଳିତବର୍ଷ ଠାକୁରଙ୍କ ବାର୍ଷିକ ଉତ୍ସବ ଓ ସନାତନ ଧର୍ମ ସମ୍ମିଳନୀ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ନଭେମ୍ବରରେ ୩ଦିନ ଧରି ଏହା ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ହୃଦାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ବୈଠକରେ ଉପସଭାପତି ରାଧାବଲ୍ଲଭ ରାୟ, ଯୁଗ୍ମ ସମ୍ପାଦକ ରତିକାନ୍ତ ବେହେରା, ସଭ୍ୟସଭ୍ୟା ରବୀନ୍ଦ୍ର ଗଣ୍ଡିଆ, ରଞ୍ଜନ କୁମାର ସାହୁ, ଦିଲୀପ କୁମାର ରାଜ, ଦୟାନିଧି ସାହୁ, ବିନୟ କୁମାର ସାହୁ, ସୁଫଳା ନାୟକ, ରୀନାବାଳା ରାଉଳ, ନେତ୍ରାନନ୍ଦ ମହାରଣା, ସଞ୍ଜୁକ୍ତା ସାହୁ, ପ୍ରଭାତ କୁମାର ନାଏକ, ଧରଣୀଧର ନାୟକ ପ୍ରମୁଖ ଯୋଗଦେଇଥିଲେ।

### ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

# ଜିଲ୍ଲାର ୧୭୭୫ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ







ଢେଙ୍କାନାଳ, ୩୦।୩(ସମିସ)

ରାଜ୍ୟରେ ଗରିବ, ଅନଗ୍ରସର ଓ ବିଭିନ୍ନ କ୍ଷେତ୍ରରେ ପଛୁଆ ବର୍ଗର ଲୋକଙ୍କୁ ପକ୍କାଗୃହ ଯୋଗାଇଦେବା ଲକ୍ଷ୍ୟରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ପ୍ରାୟ ୬୦ ହଜାର ହିତାଧିକାରୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ସହିଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟାରେ କ୍ଷତିଗ୍ରସ୍ତ ଲୋକେ ଗୃହ ପାଇବେ। ଏଥି ନିମନ୍ତେ ୩ ବର୍ଷ ମଧ୍ୟରେ ୭୫୫୦ କୋଟି ବିନିଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପଲ୍ଲୀଶ୍ରୀ ମେଳା ପଡ଼ିଆରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ଜିଲ୍ଲାର ୧୭୭୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କାହାରିକୁ ଟଙ୍କାଟିଏ ଲାଞ୍ଚ ନ ଦେବାକୁ କହିଛନ୍ତି। କୌଣସି ପ୍ରକାରର ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନିଶ୍ଚିତ ଭାବେ ଏହି ଯୋଜନାରେ ସାମିଲ କରାଯିବ। ତେଣୁ କେହି ଆଶଙ୍କାଗ୍ରସ୍ତ ନ ହେବାକୁ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ସ୍ୱାଗତ ଭାଷଣ ଦେଇ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ସାଂସଦଙ୍କ ପ୍ରତିନିଧି ନରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଜିଲ୍ଲାପାଳ ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

**ପରଜଙ୍ଗ:** ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଉପଲକ୍ଷେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ସୌଭାଗ୍ୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବ୍ଲକର ୨୧୮ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଏମ୍‌ବିକେ, ସିଆରପି ଓ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

**ଗଁଦିଆ:** ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କ ଅଧ୍ୟକ୍ଷତାରେ ଗଁଦିଆ ବ୍ଲକରେ ଅନ୍ତ୍ୟୋଦର ଗୃହ ଯୋଜନାର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ସାଂସଦଙ୍କ ବ୍ଲକ ପ୍ରତିନିଧି ଲଳିତ କୁମାର ଦାସ, ପୂର୍ବତନ ଢେଙ୍କାନାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଓ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପାତ୍ର ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ୧୧ ପଞ୍ଚାୟତର ୫୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ବ୍ଲକର ସମୁଦାୟ ୪୩୫ ହିତାଧିକାରୀଙ୍କୁ ଉକ୍ତ ଯୋଜନାରେ ଗୃହ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

## ସ୍ୱାସ୍ଥ୍ୟ ଶିବିର ଓ ସ୍ୱଚ୍ଛ ଭାରତ ଅଭିଯାନ




ଢେଙ୍କାନାଳ, ୩୦।୩(ସମିସ): ସଦର ବ୍ଲକ ଗୋବିନ୍ଦପୁର ଜୀବନଜ୍ୟୋତି ସ୍କୁଲ୍‌ରେ ଏସ୍‌ବିଆଇଏଫ୍ ସଞ୍ଜୀବନୀ କ୍ଲିନିକ୍ ଅନ୍ ହୁଇଲ୍ସ ପ୍ରକଳ୍ପ ଏବଂ ପିପୁଲ୍ ଟୁ ପିପୁଲ ହେଲ୍‌ଥ ଫାଉଣ୍ଡେସନ୍ ସହଭାଗିତାରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଓ ସ୍ୱଚ୍ଛ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ୨୦୦ରୁ ଅଧିକ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତଥା ହେମୋଗ୍ଲୋବିନ୍, ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା, ଓଜନ ମାପ ଆଦି କରାଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିରେ ପିପିଏଚ୍‌ଏଫ୍‌ର ନିର୍ଦ୍ଦେଶକ ଆଲୋକ ଚନ୍ଦ୍ର ମହାନ୍ତି, ମେଡିକାଲ୍ ଅଫିସର ଡା. ସୁଧାଂଶୁବାଳା ପାଣିଗ୍ରାହୀ, ଫାର୍ମାସିଷ୍ଟ ପ୍ରତାପ କୁମାର ଶୁକ୍ଲା, ଏଲଟି ସନ୍ତୋଷ ସେଠୀ, ଏନ୍‌ଏମ୍ ସୁଭଦ୍ରା ବେହେରା, ଚାଳକ ବିନୋଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୀବନଜ୍ୟୋତି ସ୍କୁଲ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ଅଧ୍ୟକ୍ଷା ଆରତୀପ୍ରଭା ସେନାପତି, କିଶୋରୀପ୍ରଭା ନାଏକ, ଲିପିକା କର, ନବକିଶୋର ଡାକୁଆ, ଜ୍ୟୋତିରଞ୍ଜନ ବଳିଆରସିଂ, ଶିବାନୀ ରଥ, ଜ୍ୟୋତି ମହାପାତ୍ର, ଘନଶ୍ୟାମ ମହାନ୍ତି, ସତ୍ୟନାରାୟଣ ମହାପାତ୍ର, ସାଇରଞ୍ଜନ ଉତ୍ତରକବାଟ, ଲକ୍ଷ୍ମୀକାନ୍ତ କର ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ପିଲାମାନଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ହାତସଫା କରିବାର ବିଭିନ୍ନ ପଦ୍ଧତି ବିଷୟରେ ଏନ୍‌ଏମ୍ ସୁଭଦ୍ରା ବେହେରା ପିଲାମାନଙ୍କୁ ଶିକ୍ଷା ଦେଇଥିଲେ। ପିପିଏଚ୍‌ଏଫ୍ ଦ୍ୱାରା ଚାଳିତ ମୋବାଇଲ୍ ମେଡିକାଲ୍ ୟୁନିଟ୍ ଏସ୍‌ବିଆଇଏଫ୍ ସଞ୍ଜିବନୀ କ୍ଲିନିକ୍ ଅନ୍ ହ୍ୱିଲ୍ସ ପ୍ରକଳ୍ପର ଉଦ୍ଦେଶ୍ୟ ହେଲା ସ୍ୱାସ୍ଥ୍ୟ ସୁବିଧା ଓ ସଚେତନତା ବୃଦ୍ଧି କରିବା। ଏହି ପ୍ରକଳ୍ପ ଏସ୍‌ବିଆଇ ଫାଉଣ୍ଡେସନ୍ ତରଫରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱରେ ସଞ୍ଚାଳିତ ହେଉଛି।

## ଅଧ୍ୟକ୍ଷଙ୍କ ଅବସର ଗ୍ରହଣ

ଢେଙ୍କାନାଳ, ୩୦।୩(ସମିସ): ସଦର ବ୍ଲକ ବେଲଟିକିରି ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରସାଦ ମିଶ୍ର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୩୬ ବର୍ଷ ଧରି ଏହି ମହାବିଦ୍ୟାଳୟରେ ସେ ଶିକ୍ଷାଦାନ କରି ଆସୁଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସଭାକକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ମହାବିଦ୍ୟାଳୟ ପ୍ରତି ବିଦାୟୀ ଅଧ୍ୟକ୍ଷଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ଅରୁଣ କୁମାର ସାମଲ, ଅଧ୍ୟାପକ ପଙ୍କଜ ଚରଣ ଦେହୁରୀ, ଅଧ୍ୟାପିକା ଲୋପାମୁଦ୍ରା ବେହେରା, ମନ୍ଦାକିନୀ ଦାସ, ଡେମୋନଷ୍ଟ୍ରେଟର ମିରାଶ୍ରୀ ନନ୍ଦ, ବରିଷ୍ଠ କିରାଣି ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ବିଦାୟୀ ଅଧ୍ୟକ୍ଷ ମିଶ୍ରଙ୍କ କର୍ତ୍ତବ୍ୟନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଅକୁଣ୍ଠ ସ୍ନେହ ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ଅଧ୍ୟାପକ ବିକାଶ କୁମାର ଦାସ ମଞ୍ଚ ପରିଚାଳନା କରିବା ସହିତ ବିଦାୟୀ ଅଧ୍ୟକ୍ଷ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଗୋବିନ୍ଦପୁର କଲେଜର ବରିଷ୍ଠ କର୍ମଚାରୀ ଦିଲୀପ କୁମାର ଦାସ, କଲେଜର ପ୍ରାକ୍ତନ ଗ୍ରନ୍ଥାଗାରିକ ମୁରଲୀଧର ମହାରଣା, ସମାଜସେବୀ ଧର୍ମେନ୍ଦ୍ର ଦାସ, ସରପଞ୍ଚ ବଳଭଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ ନିମନ୍ତେ କଳସ ଯାତ୍ରା



ପରଜଙ୍ଗ, ୩୦।୩(ସମିସ): ପରଜଙ୍ଗ ବଜାରରେ ଥିବା ମା' ତାରିଣୀଙ୍କ ମନ୍ଦିରରେ ୩ ଧରି ହେବାକୁ ଥିବା ୧୧ତମ ବାର୍ଷିକ ଉତ୍ସବ ଉପଲକ୍ଷେ ରବିବାର କଳସଯାତ୍ରା ଅନୁଷ୍ଠିତ ହୋଇଛି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସ୍ଥାନୀୟ ଖଣ୍ଡିଆବନ୍ଧ ପୋଖରୀରୁ ଜଳ ଧାରଣ କରି ମନ୍ଦିର ଅଭିମୁଖେ ବାହାରିଥିଲେ। ନାମ ସଂକୀର୍ତ୍ତନ, ବାଜା, ବାଣ ଓ ହରିବୋଲ ହୁଳହୁଳିରେ ଗାଁ ଦାଣ୍ଡ ଓ ବଜାରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ଗ୍ରାମ ଓ ବଜାର ପରିକ୍ରମା କରି ମନ୍ଦିରରେ କଳସ ସ୍ଥାପନ କରିଥିଲେ। ସଞ୍ଜିତ କୁମାର ସାମଲ ଓ ତାଙ୍କ ସହଧର୍ମିଣୀ ପଦ୍ମିନୀ ସାମଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ପୂଜକ ଚନ୍ଦ୍ରଶେଖର ମହାପାତ୍ର ଓ ସହଯୋଗୀ ପ୍ରମୋଦ ବିହାରୀ ପାଣିଗ୍ରାହୀ ପୂଜାର୍ଚ୍ଚନା ଦାୟିତ୍ୱରେ ରହିଛନ୍ତି। ମନ୍ଦିର ପରିଚାଳନା କମିଟି ମୁଖ୍ୟ ସଞ୍ଚାଳକ ବିନୟ କୁମାର ଦଳବେହେରା, ଟୁବୁଲା ଦାସଙ୍କ ସମେତ କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୩ ଦିନ ବ୍ୟାପୀ ରାତି ୯ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## କୁମୁରିସିଂହା ବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ



ଖଜୁରିଆକଟା, ୩୦।୩(ସମିସ): ହିନ୍ଦୋଳ ଉପଖଣ୍ଡ କୁମୁରିସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଶ୍ରୁତିପ୍ରଜ୍ଞା ଦଳେଇ ଚଳିତ ବର୍ଷ ରାଷ୍ଟ୍ରୀୟ ପ୍ରତିଭା ଓ ମେଧାଭିତ୍ତିକ ଛାତ୍ରବୃତ୍ତି ପରୀକ୍ଷା ଏନଏମଏମଏସରେ କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବାପା ଜୀବନ କୁମାର ଦଳେଇ ଓ ମାଆ ସୁରେଖା ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ଦେହୁରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦମ୍ପତି ଡ. ଅନ୍ତର୍ଯ୍ୟାମୀ ସାହୁ ଓ ଶାନ୍ତିଲତା ସାହୁଙ୍କ ଉଦ୍ୟମ ରହିଛି ବୋଲି ସେ କହିଛନ୍ତି।

## ଗାୟତ୍ରୀ ଶକ୍ତିପୀଠରେ ବାସନ୍ତିକ ଦୁର୍ଗାପୂଜା



ଢେଙ୍କାନାଳ, ୩୦।୩(ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ବସନ୍ତିକ ନବରାତ୍ର ମହୋତ୍ସବ ରବିବାର ଆରମ୍ଭ ହୋଇଛି। ଆସନ୍ତା ୬ ତାରିଖ ରାମନବମୀ ପର୍ଯ୍ୟନ୍ତ ଏହି ପୂଜା ଚାଲୁ ରହିବ। ପ୍ରତ୍ୟେକ ଦିନ ନବରାତ୍ର ପୂଜା ହେବ। ସକାଳ ସାଢ଼େ ୮ଟାରେ ଯଜ୍ଞ ଅନୁଷ୍ଠିତ ହେବ। ଶେଷ ଦିନ ପୂର୍ଣ୍ଣାହୂତି ପ୍ରଦାନ ସହ ପ୍ରସାଦ ସେବନ ଅନୁଷ୍ଠିତ ହେବ। ମୁଖ୍ୟ ପ୍ରବନ୍ଧନ ଟ୍ରଷ୍ଟି ଶିବପ୍ରସାଦ ଶତପଥୀ, ସହ-ପ୍ରବନ୍ଧନ ଟ୍ରଷ୍ଟି ସନ୍ତୋଷ ଅଗ୍ରୱାଲ, ଗୋପୀନାଥ ସାହୁ, ଦେବରାଜ ମିଶ୍ର, ବସନ୍ତ ମଞ୍ଜରୀ ମିଶ୍ର ପ୍ରମୁଖ ଏହି ବାସନ୍ତିକ ନବରାତ୍ର ମହୋତ୍ସବକୁ ପରିଚାଳନା କରୁଛନ୍ତି।

## ହାତୁରାରେ ଆନ୍ତର୍ଜାତିକ ସମବାୟ ଦିବସ



ଖଜୁରିଆକଟା, ୩୦।୩(ସମିସ): ହିନ୍ଦୋଳ ଉପଖଣ୍ଡ ହାତୁରା ପଞ୍ଚାୟତ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆନ୍ତର୍ଜାତିକ ସମବାୟ ଦିବସ ପାଳିତ ହୋଇଛି। ସମିତି ସଭାପତି ପ୍ରଭାତୀ ସାମଲ, ହିନ୍ଦୋଳ ମଣ୍ଡଳ ସମବାୟ ସମିତି ସହକାରୀ ନିବନ୍ଧକ ବିରଜାନନ୍ଦ ଦାସ, ଏସଆରସିଏସ ପ୍ରତାପ ମିଶ୍ର, ହାତୁରା ସରପଞ୍ଚ ତୁଳସୀ ନାଏକ, ସମିତି ସଭ୍ୟ ଜୀବନ ବେହେରା ପ୍ରମୁଖ ଉପସ୍ଥିତ ରହି ସମବାୟ ସମିତି ଦ୍ୱାରା ସଧାରଣ ଜନତା କିଭଳି ଲଭାନ୍ୱିତ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମିତି ସମ୍ପାଦକ ସତ୍ୟଜିତ କର ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଲା ଗୋରୁଙ୍କ ଅକ୍ତିଆରରେ ହିନ୍ଦୋଳ ଏନ୍‌ଏସି ରାସ୍ତା

ହିନ୍ଦୋଳ/ଖଜୁରିଆକଟା, ୩୦।୩(ସମିସ):



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା। ରାସ୍ତା ସାରା ସମସ୍ତ ବଜାର, ଛକ, ଗଳିରେ ସବୁଠି ବୁଲା

**● ବାରମ୍ବାର ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ**

ଗୋରୁ ଭିଡ଼ ଜମାଇ ରହୁଛନ୍ତି। ଦିନରାତି ରାସ୍ତା ଅବରୋଧ କରି ରହୁଛନ୍ତି। ଫଳରେ ସଡ଼କସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। କେବଳ ସେତିକି ନୁହେଁ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଓ ଜନନୀସୁରକ୍ଷା ଗାଡ଼ି ଭଳି ଜରୁରୀକାଳୀନ ସେବା ଯୋଗାଇବାରେ ବାଧକ ସୃଷ୍ଟି କରୁଛନ୍ତି ଶହଶହ ଗୋରୁ। ଗୋରୁମାନେ ରାସ୍ତାକୁ କବ୍‌ଜା କରି ରଖିଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟି ପଥଚାରୀ ମୃତାହତ ହେବା ଦୈନନ୍ଦିନ ଘଟଣା ପାଲଟିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏନଏସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦିନକୁଦିନ ଏହି ସମସ୍ୟା ବୃଦ୍ଧି ପାଉଥିବାରୁ ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କୁ ଦାବି କରିଛନ୍ତି ଜନସାଧାରଣ।

## ଗୋପ ଯାଦବ ସମାଜର ବାର୍ଷିକ ଅଧିବେଶନ ଉଦ୍‌ଯାପିତ



ଢେଙ୍କାନାଳ, ୩୦।୩(ସମିସ): ସଦର ବ୍ଲକ କମଗରାସ୍ଥିତ କଲ୍ୟାଣ ମଣ୍ଡପରେ ଚାରିଦେଶ ଗୋପ ଯାଦବ ସମାଜର ଚାରିବର୍ଷିକ ଅଧିବେଶନ ଉଦ୍‌ଯାପିତ ହୋଇଛି। ଏହି ଅଧିବେଶନରେ ଯାଦବମାନଙ୍କ ବିଭିନ୍ନ ସମସ୍ୟା ଓ ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ସାମଧାନ କରାଯିବା ସହ ଆଗାମୀ ୪ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ସଭାପତି ଭାବେ ଶିଶିରକାନ୍ତ ବେହେରା, ଉପସଭାପତି ଜଗନ୍ନାଥ ବେହେରା, ସମ୍ପାଦକ ଅକ୍ଷୟ କୁମାର ଭୋଇ, ସହସମ୍ପାଦକ ଭାବେ ରତ୍ନାକର ମଙ୍ଗରାଜ ଓ କୋଷାଧ୍ୟକ୍ଷ ଭାବେ ସାରଙ୍ଗଧର ଦାସ ନିର୍ବାଚିତ ହୋଇଛନ୍ତି। ୧୨ ଜଣ ଜୋନ୍ ମେମ୍ବରଙ୍କୁ ନିଯୁକ୍ତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଅନ୍ତର୍ଯ୍ୟାମୀ ବେହେରା, ସାଧୁଚରଣ ବେହେରା, ସନାତନ ବେହେରା ଓ ବିମ୍ବାଧର ବେହେରାଙ୍କୁ ନିଯୁକ୍ତ କରାଯାଇଛି। ଏହି ଅଧିବେଶନରେ ଜିଲ୍ଲାର ଶତାଧିକ ଯାଦବ ନେତୃମଣ୍ଡଳୀ ଯୋଗଦେଇଥିଲେ।

